ଜାନୁଆରୀ - ଫେବୃଆରୀ ୨୦୨୩

# ବାଗୀଶ



# ବାଗୀଶ

# BAGEESHA

ସମାଲୋଚନାଧର୍ମୀ ଇ-ପତ୍ରିକା

ପ୍ରଥମ ବର୍ଷ, ସଂଖ୍ୟା - ୧
ଜାନୁଆରୀ - ଫେବୃଆରୀ ୨୦୨୩

Volume No. 01
Issue No. 01
January - February 2022

ଯୋଗାଯୋଗ
ବି.ଏନ୍ ଭବନ, ସାର୍ତ୍ତୋଳ, ପୋ - ନୂଆବଜାର
କଟକ - ୭୫୩୦୦୪

E-mail :
bageesha.magazine@gmail.com
Phone No. 9337166172



ପ୍ରତିଷ୍ଠାତା - ସଂପାଦକ
**ବିକେଶ ସାହୁ**

---

Founder & Editor
Bikesh Sahu

Edited and E-Published
By
Sri Bikesh Sahu
B.N Bhavan, First Floor
At - Sartol, Po - Nayabazar
Cutttack- 753004

# ସଂପାଦକୀୟ

ଇଂରାଜୀ ନବବର୍ଷର ଅନେକ ଶୁଭେଚ୍ଛା । ଈଶ୍ୱରଙ୍କ ପାଖରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।

ବନ୍ଧୁଗଣ, ସମୟ ଗତିଶୀଳ । ଏ ଗତିଶୀଳତା ହିଁ ନବୀନ ସମ୍ଭାବନାମାନଙ୍କର ଦ୍ୟୋତକ । ସମୟ ସହ ତାଳ ଦେଇ ସଭ୍ୟତା ଓ ସଂସ୍କୃତି ବି ନିଜ ନିଜ ରୂପ ବଦଳାଇବା ସ୍ୱାଭାବିକ। ଯାହାର ଦୃଷ୍ଟାନ୍ତ ପ୍ରଦାନ କରିବା ଆବଶ୍ୟତା ନାହିଁ ବୋଲି ମୋର ଅନୁଭବ ହୁଏ । ତେବେ ଏ ପରିବର୍ତ୍ତନ ହଠାତ୍ ହୋଇ ନ ପାରେ କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଏହାକୁ ଆବଦ୍ଧ କରାଯାଇ ନପାରେ । ପ୍ରତିଟି ପରିବର୍ତ୍ତନ ଏକ ପୃଷ୍ଠଭୂମି ଉପରେ ନିଜକୁ ଦଣ୍ଡାୟମାନ କରନ୍ତି । ସମାଜିକ ଜୀବନ କ୍ଷେତ୍ରରେ ଏହାର ପରିଣାମ ଧୀରେ ଧୀରେ ପ୍ରତିଫଳିତ ହୁଏ । ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ଥିତି ଧୀରେ ଧୀରେ ନିଜର ମୋଡ଼ ବଦଳନ୍ତି । ସର୍ବୋପରି ମଣିଷର ଚିନ୍ତାରାଜ୍ୟରେ ମଧ୍ୟ ଏସବୁ ପରିବର୍ତ୍ତନର ପ୍ରଭାବ ପରିଲକ୍ଷିତ ହେବା ଅସ୍ୱାଭାବିକ ନୁହେଁ। କିନ୍ତୁ ଯେତେବେଳେ ଏପରି କିଛି ପରିବର୍ତ୍ତନ ସାହିତ୍ୟ କ୍ଷେତ୍ରରେ ଆମେ ଦେଖିବାକୁ ପାଉଛେ, ଏହାର କାରଣ ଯେ ସର୍ବଦା ବିବିଧ ଘଟଣାର ଅନୁବର୍ତ୍ତୀ ଏକଥା ଦୃଢ଼ ଭାବେ କୁହାଯାଇପାରେ ।

'ବାଗୀଶ'ର ଜନ୍ମ ଏକ ଘଡିସନ୍ଧି ମୁହୂର୍ତ୍ତରେ । ଏ ସମ୍ପର୍କରେ ଆଉ କେବେ କହିବି । ତେବେ ମୁଁ କହିରଖେ, 'ବାଗୀଶ' କିଛି ନୂଆ କରିବାକୁ ଆସିନି । ସେ କେବଳ ଆସିଛି ଆଉ କେତୋଟି ତରୁଣ ମନରେ ପ୍ରବନ୍ଧ ଓ ଆଲୋଚନା ବିଭାଗ ପ୍ରତି ଅନୁରାଗର ବୀଜ ବୁଣିଦେବା ପାଇଁ । ମୁଁ ଜାଣିନି ସେ କେତେ ସଫଳ ହେବ, କିନ୍ତୁ ମୋର ବିଶ୍ୱାସ ସେ ନିରନ୍ତର ତାହାର ଚେଷ୍ଟା ଜରିରହିବ ।

ବନ୍ଧୁଗଣ, 'ବାଗୀଶ' ଆପଣଙ୍କର । ଆପଣମାନେ ହିଁ ତା'ର ଅଭିଭାବକ । ତେଣୁ ଏ ପ୍ରଥମ ସଂଖ୍ୟା ଆପଣମାନଙ୍କ ହାତରେ । ଆଶା ଆଶୀର୍ବାଦ କରିବେ ।

ଶୁଭେଚ୍ଛାର ସହ ।

ସଂପାଦକ




ପ୍ରଚ୍ଛଦ : ବିକେଶ ସାହୁ

### ପ୍ରଚ୍ଛଦ ପ୍ରସଙ୍ଗ

ପ୍ରତିଟି ଚିତ୍ର ପଛରେ ଏକ କାହାଣୀ ଥାଏ। ଚଳିତ ସଂଖ୍ୟାର ପ୍ରଚ୍ଛଦ ମଧ୍ୟ କିଛି କହିବାକୁ ଚାହୁଁଛି । ଏକ ଜ୍ଞାନ ବୃକ୍ଷ ଭଳି ଦେଖାଯାଉଥିବା ଗଛର ଆକୃତିରେ ଆପଣମାନେ ଦେଖି ପାରୁଥିବେ ଗୋଟିଏ ମାତ୍ର ଶାଖା, ଯାହା ସିଧାସଳଖ ବୃକ୍ଷର ମୂଳ ସହ ଯୋଡ଼ି ହୋଇଛି । ଏହାର ଅର୍ଥ ବିବିଧ ଚିନ୍ତା, ଚେତନା ଓ ଅଧ୍ୟୟନ ଏକତ୍ର ଯଦି ଗୋଟିଏ ମାର୍ଗ ଦେଇ ପ୍ରବାହିତ ହୁଏ, ତାହା ନିଜର ସନ୍ତୁଳନ ରକ୍ଷା କରିପାରିବ। ଯେମିତି ବୃକ୍ଷର ଆକୃତି ଗୋଳାକୃତ । ଅନୁରୂପ ଏସବୁ ପାଇଁ ଏକମାତ୍ର ମାଧ୍ୟମ ହେଉଛି ଏକାଗ୍ରତା ଯାହା ସମାଲୋଚନା ପାଇଁ ନିତାନ୍ତ ଆବଶ୍ୟକ ।

# ଏଇ ସଂଖ୍ୟାରେ

## ଆଲୋଚନା

୦୫ ॥ **ମାହାଙ୍ଗାର ସାରସ୍ୱତ ସାଧକ**
ରିତମ୍ ମିଶ୍ର

୧୮ ॥ **ଓଡ଼ିଆ କ୍ଷୁଦ୍ରଗଳ୍ପରେ ନାମକରଣର ବୈଚିତ୍ର୍ୟ**
ହୃଷୀକେଶ ମହାରଣା

୨୧ ॥ **କବି ଜୟଦ୍ରଥ ସୁନାଙ୍କ "ଶୋଷ" : ଭାବ ଓ ବିଭବ**
ସୁବାଷ ଚନ୍ଦ୍ର ଭୋଇ

୨୬ ॥ **'ଚରୁ ଚୀବର ଓ ଚର୍ଯ୍ୟା'ର ରାଜନର୍ତ୍ତକୀ ବାସବୀ**
କନକ ବର୍ଦ୍ଧନ ସାହୁ

## ତାରୁଣ୍ୟର ନୂଆ ନାଦ : ନିନାଦ


୩୨ ॥ ନବ ପ୍ରଜନ୍ମର ଦୁଇ ତାରକା : ଗୌରୀ ଓ ଶ୍ରୀସିକ୍ତା
ବିକେଶ ସାହୁ

୩୩ ॥ **କାନଫୁଲ**
ଗୌରୀ ସାହୁ

୩୪ ॥ **ଲେଉଟାଣି**
ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ

# ମାହାଙ୍ଗାର ସାରସ୍ୱତ ସାଧକ

● ରିତମ୍ ମିଶ୍ର



ଦରଖାପାଟଣା ନିଉ କଲୋନୀ,
କଲ୍ୟାଣୀନଗର, କଟକ

ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ମାହାଙ୍ଗାର ଅବଦାନକୁ ଯେ କେହି ସ୍ୱୀକାର କରିବେ। ଏହି ମାଟିରେ ଆଦି ନାଟ୍ୟକାର ଜଗନ୍ମୋହନ ଲାଲା, ଓଡ଼ିଆ ଭାଷାରେ ଓଡ଼ିଶାର ପ୍ରଥମ ଇତିହାସ ( 'ଓଡ଼ିଶାର ଇତିହାସ') ର ପ୍ରଣେତା ପ୍ୟାରୀମୋହନ ଆଚାର୍ଯ୍ୟ, 'ଉତ୍କଳ ସାହିତ୍ୟ'ର ସମ୍ପାଦକ ବାଗ୍ମୀ ବିଶ୍ୱନାଥ କର, ଗଣକବି ବୈଷ୍ଣବ ପାଣି, ପଲ୍ଲୀକବି ନନ୍ଦକିଶୋର ବଳ, ଉତ୍କଳ ବିଶ୍ୱବିଦ୍ୟାଳୟରୁ ସର୍ବପ୍ରଥମ ଡକ୍ଟରେଟ୍ ଲାଭ କରିଥିବା ଡକ୍ଟର କରୁଣାକର କର, ସଂସ୍କାରକ ବୈରାଗୀ ମିଶ୍ର, ଓଡ଼ିଆ ସାହିତ୍ୟର ପ୍ରଥମ ରାଜନୀତିକ ଉପନ୍ୟାସର ଔପନ୍ୟାସିକ ରାମପ୍ରସାଦ ସିଂହ ଏବଂ ଆହୁରି ଅନେକ ବରପୁତ୍ର ଜନ୍ମନେଇ ଏହି ମାଟିକୁ ଧନ୍ୟ କରିଛନ୍ତି। ଏହି ମାଟିର କୃତୀ ସନ୍ତାନମାନଙ୍କ ମଧ୍ୟରୁ କିଏ ନିଜର କୃତିତ୍ୱ ପାଇଁ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ତ ପୁଣି କେହି ସାରଳା ପୁରସ୍କାର ସହିତ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇ ମାହାଙ୍ଗା ମାଟିକୁ ଓ ସମଗ୍ର ରାଜ୍ୟକୁ କରିଛନ୍ତି ଧନ୍ୟ। ପୁଣି କିଏ ସଂସ୍କୃତ ସାହିତ୍ୟ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ହୋଇଛନ୍ତି ତ ଆଉ କିଏ 'ପଦ୍ମଶ୍ରୀ' ଉପାଧିପ୍ରାପ୍ତ ହୋଇ ସମଗ୍ର ରାଜ୍ୟର ଗୌରବକୁ ବୃଦ୍ଧି କରିବାରେ ସହାୟକ ହୋଇଛନ୍ତି। ଭାରତର ସର୍ବପ୍ରଥମ ଇଂଲିଶ ଚ୍ୟାନେଲ ସନ୍ତରଣ କରିଥିବା (୧୯୫୮ ମସିହାରେ ) ମିହିର ସେନ ମଧ୍ୟ ଏହି ମାଟିର। ସାହିତ୍ୟ, ସଂସ୍କୃତି, ରାଜନୀତି, ସମାଜସେବା କ୍ଷେତ୍ରରେ ମାହାଙ୍ଗାର ଅନେକ ସନ୍ତାନଙ୍କ ସକ୍ରିୟ ଯୋଗଦାନ କେବଳ ଯେ ଏହି ମାଟିକୁ ଧନ୍ୟ କରିଛି, ତାହା ନୁହେଁ; ଅଧିକନ୍ତୁ ସମଗ୍ର ରାଜ୍ୟକୁ ନୂତନ ଦିଶା ଦେବାରେ ଏହା ସମର୍ଥ

ହୋଇଛି। ଆଲୋଚ୍ୟ ପ୍ରବନ୍ଧରେ କେବଳ ସାରସ୍ୱତ ସାଧକମାନଙ୍କ ସମ୍ପର୍କରେ ଆଲୋଚନା କରାଯିବା ପାଇଁ ସ୍ଥିର କରାଯାଇଛି । ସାରସ୍ୱତ କୃତି ଓ କୃତିତ୍ୱ ପାଇଁ କିଛି ବ୍ୟକ୍ତିବିଶେଷ ଓଡ଼ିଆ ସାହିତ୍ୟର ଇତିହାସରେ ନିଜର ପଦଚିହ୍ନ ସ୍ପଷ୍ଟ ଭାବରେ ଛାଡି ଯାଇଥିଲେ ମଧ୍ୟ ଆଉ କିଛି ସାରସ୍ୱତ ସାଧକ ଲୋକଲୋଚନକୁ ଆସି ପାରି ନାହାନ୍ତି। ଆଲୋଚ୍ୟ ପ୍ରବନ୍ଧରେ ପ୍ରସିଦ୍ଧି ଲାଭ କରିଥିବା ସାହିତ୍ୟିକମାନଙ୍କ ସହିତ କିଛି ଅନାଲୋଚିତ ପ୍ରତିଭାମାନଙ୍କ ସମ୍ପର୍କରେ ସୂଚନା ଦେବାପାଇଁ ପ୍ରୟାସ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏଠାରେ କେବଳ ମାହାଙ୍ଗା ବ୍ଲକର ( ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନୁହେଁ; ଅର୍ଥାତ୍ ନିଶ୍ଚିନ୍ତକୋଇଲି ବ୍ଲକକୁ ନିଆଯାଇ ନାହିଁ ) ସାହିତ୍ୟସାଧକମାନଙ୍କୁ ବିଚାରକୁ ନିଆ ଯାଇଛି। ନିମ୍ନରେ ଅକ୍ଷରକ୍ରମରେ ସାରସ୍ୱତ ସାଧକମାନଙ୍କ ସମ୍ପର୍କରେ ଆଲୋଚନା କରାଗଲା।

ଅଭିନ୍ନ ଚନ୍ଦ୍ର ଦାଶ(୭-୩-୧୯୩୩ ରୁ ୨୦୦୩), ମଉଦା, – ଅଭିନ୍ନ ଚନ୍ଦ୍ର ଦାଶଙ୍କର ବୃତ୍ତି ଥିଲା ଅଧ୍ୟାପନା। ସଂସ୍କୃତ ଓ ଓଡ଼ିଆ ସାହିତ୍ୟରେ ତାଙ୍କର ଥିଲା ବ୍ୟୁତ୍ପତ୍ତି। ଜଣେ ସମାଲୋଚକ, ଅନୁବାଦକ, କବି ଏବଂ ଜୀବନୀ ଲେଖକ ଭାବରେ ସେ ଥିଲେ ସୁପରିଚିତ। ତାଙ୍କ ଗ୍ରନ୍ଥମାନଙ୍କ ମଧ୍ୟରେ 'ଅଳଙ୍କାର ଶାସ୍ତ୍ର ପ୍ରବେଶ', 'ବୈଦିକ ସାହିତ୍ୟ ଓ ସଂସ୍କୃତି' ,' ସଂସ୍କୃତ ସାହିତ୍ୟର ରୂପରେଖ', 'ବୈଦିକ କାହାଣୀ ', 'ତନ୍ତ୍ର ପ୍ରବେଶ', 'ବିଦେଶୀ ସଂସ୍କୃତ ବିଦ୍ୱାନ' 'ଋତୁ ସଂହାର' (ଅନୁବାଦ), 'କଥାସରିତ ସାଗର' (ଅନୁବାଦ), 'ଚାଣକ୍ୟ ନୀତି ଦର୍ପଣ' (ସଂକଳନ), 'ବିଦଗ୍ଧକବି ଅଭିମନ୍ୟୁ ', 'ଉତ୍କଳଘଣ୍ଟ କବି ଯଦୁମଣି' ଇତ୍ୟାଦି ପ୍ରଧାନ। ଏହା ସହିତ ସେ 'ମାଳବିକା', 'ସୁରସୁନ୍ଦରୀ' ଓ 'କବି ବିଳାପ' କାବ୍ୟ ରଚନା କରିଛନ୍ତି ଏବଂ 'ଶ୍ରୀ ଶଙ୍କରାଚାର୍ଯ୍ୟ' ଙ୍କ ଜୀବନୀ ରଚନା କରିଛନ୍ତି। ଆର୍ତ୍ତତ୍ରାଣ ମିଶ୍ର ( ୧୮୭୦ ରୁ ୧୯୪୮), ମଉଦା, ,- ସଂସ୍କୃତ ସାହିତ୍ୟରେ ଆର୍ତ୍ତତ୍ରାଣ ମିଶ୍ରଙ୍କର ଥିଲା ଅଗାଧ ପାଣ୍ଡିତ୍ୟ। ସେ ବିହାର, ଓଡ଼ିଶା ସଂସ୍କୃତ କାଉନସିଲର ସଦସ୍ୟ ଭାବରେ ମନୋନୀତ ହୋଇଥିଲେ । ଲିପି ଅଧ୍ୟୟନ, ତାମ୍ରଲେଖ ପଠନରେ ସେ ଥିଲେ ଧୁରୀଣ। କେନ୍ଦୁପାଟଣା ତାମ୍ରଲେଖର ପାଠୋଦ୍ଧାର ଓ ଆଲୋଚନା ଏହାର ପ୍ରମାଣ ଦିଏ। ତାଙ୍କର ଅନେକ ପ୍ରବନ୍ଧ ଓ ଆଲୋଚନା 'ଉତ୍କଳ ସାହିତ୍ୟ' ଓ 'ମୁକୁର' ପତ୍ରିକାରେ ପ୍ରକାଶ ଲାଭ କରିଥିଲା। ସେ 'ଉତ୍କଳ ସାହିତ୍ୟ ସମାଜ' ର ମଧ୍ୟ ସଭାପତି ଆସନ ମଣ୍ଡନ କରିଥିଲେ। ଉପେନ୍ଦ୍ର କିଶୋର ଦାସ ( ୧-୨- ୧୯୦୧ ରୁ ୨୦-୪- ୧୯୭୨), କୁମୁଡା, ଜଇପୁର- ଉପେନ୍ଦ୍ର କିଶୋର ଦାସ ହେଉଛନ୍ତି ରାୟ ବାହାଦୂର ରାଜ କିଶୋର ଦାସଙ୍କ ପୁତ୍ର। ସେ ପରବର୍ତ୍ତୀ ସମୟରେ 'ଭୀମା ଭୂୟାଁ' ଉପନ୍ୟାସର ଲେଖକ ଗୋପାଳ ବଲ୍ଲଭ ଦାସଙ୍କର ପୋଷ୍ୟପୁତ୍ର ହୋଇ ସତ୍ୟଭାମାପୁରକୁ ଚାଲି ଯାଇଥିଲେ। ସେ 'ବାରୁଣୀ' ପତ୍ରିକାର ସମ୍ପାଦନା ସହିତ ଏହି ପତ୍ରିକା ପାଇଁ ପ୍ରସଙ୍ଗ ଉପଯୋଗୀ ଚିତ୍ର ମଧ୍ୟ ପ୍ରସ୍ତୁତ କରୁଥିଲେ। ସେ 'ମଲାଜହ୍ନ', 'ଚକ୍ର' ଓ 'ମାଟିର ସ୍ୱପ୍ନ' ଉପନ୍ୟାସ ରଚନା କରିଥିଲେ ମଧ୍ୟ 'ମଲାଜହ୍ନ' ହେଉଛି ତାଙ୍କର ଏକମାତ୍ର ପ୍ରକାଶିତ ଉପନ୍ୟାସ। । ଏହି ଉପନ୍ୟାସ ପାଇଁ ସେ ଓଡ଼ିଆ ସାହିତ୍ୟରେ ବିଶେଷ ଭାବରେ ଖ୍ୟାତି ଅର୍ଜନ କରିଛନ୍ତି। ଏହା ସହିତ ସେ 'ମେଘଦୂତ', 'ଗୀତ ଗୋବିନ୍ଦ' ଓ 'ଭଗବତ୍ ଗୀତା'ର ଅନୁବାଦ କରିଛନ୍ତି। ଶିଶୁମାନଙ୍କ ଉଦ୍ଦେଶ୍ୟରେ ସେ 'ଆଲିବାବା' ଏବଂ 'କାଉଁରୀ ଦେଶର ଗଉରୀ' ପୁସ୍ତକ ରଚନା କରିଛନ୍ତି। 'ବାଣଭଟ୍ଟର ଆତ୍ମକଥା' ଅନୁବାଦ ପୁସ୍ତକ ପାଇଁ ୧୯୬୨ ମସିହାରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ' ପୁରସ୍କାର ଲାଭ କରିଛନ୍ତି। ଏକାଦଶୀ ପ୍ରଧାନ, ଓଷଙ୍ଗ- ଏକାଦଶୀଙ୍କ ରଚିତ ପୁସ୍ତକ ମଧ୍ୟରେ 'ଓଡ଼ିଆ ନିର୍ଗୁଣ ସାହିତ୍ୟକୁ ସନ୍ଥକବି ଭୀମଭୋଇଙ୍କ ଅବଦାନ', 'ସନ୍ଥକବି ଭୀମଭୋଇ ', 'ମାହାଙ୍ଗାର ସୌରଭ ଓଡ଼ିଶାର ଗୌରବ' ହେଉଛି ପ୍ରଧାନ । କରୁଣାକର କର ( ୧୮୯୫ରୁ ୩୦-୩-୧୯୬୮) , ମୂଳବସନ୍ତ - କରୁଣାକର ମିଶନ ସ୍କୁଲ୍ ରେ ପାଠ ପଢୁଥିବା ବେଳେ ସଂସ୍କୃତ ବିଷୟ ଉପରେ ତାଙ୍କର କେତେ ଦଖଲ ଥିଲା ତାହା ଲକ୍ଷ୍ମୀ ନାରାୟଣ ସାହୁ ତାଙ୍କ ଆତ୍ମଜୀବନୀ 'ମୋ ବାରବୁଲା ଜୀବନ' ରେ ପ୍ରକାଶ କରିଛନ୍ତି। କରୁଣାକରଙ୍କ ନିକଟରେ ଶିକ୍ଷକ ଲକ୍ଷ୍ମୀନାରାୟଣ ହାର ମାନି କରୁଣାକରଙ୍କୁ କହିଛନ୍ତି ତାଙ୍କ କାନ ମୋଡିବା ପାଇଁ। ପରବର୍ତ୍ତୀ ସମୟରେ କରୁଣାକର ସଂସ୍କୃତ ଭାଷାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଅଧ୍ୟାପନା କରିଛନ୍ତି ଏବଂ ପରେ ପ୍ରଫେସର ହୋଇଛନ୍ତି । ତାଙ୍କ ସମୟରେ ସଂସ୍କୃତ ଓ ଓଡ଼ିଆ ଗୋଟିଏ ବିଭାଗ ହୋଇ ଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ପାଇବାରେ ସେ ହେଉଛନ୍ତି ସର୍ବପ୍ରଥମ ବ୍ୟକ୍ତି। ତାଙ୍କ ଗବେଷଣାର ବିଷୟବସ୍ତୁ ଥିଲା 'ବୌଦ୍ଧଗାନ ଓ ଦୋହା'। ତାଙ୍କ ରଚିତ

ଗ୍ରନ୍ଥର ନାମ 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ'। ଏହା ହେଉଛି ତାଙ୍କର ଡି.ଲିଟ୍. ନିବନ୍ଧ। ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ପୁସ୍ତକଗୁଡିକ ହେଉଛି ' ବାଙମୟ ବିବେକ', 'ରୁଦ୍ର ସୁଧାନିଧି'। ସେ 'ସାହିତ୍ୟ ଦର୍ପଣ ଟୀକା', 'ନାରାୟଣ ଶତକ' ଓ 'ପୀୟୂଷ ଲହରୀ' ଇତ୍ୟାଦି ପୁସ୍ତକ ରଚନା କରିଛନ୍ତି। ସଂସ୍କୃତ ଗ୍ରନ୍ଥ 'ଭକ୍ତି ଭାଗବତ' ଆଧାରରେ ଇତିହାସ ବର୍ଣ୍ଣିତ 'କେଶରୀ ବଂଶ' ସମ୍ପର୍କରେ ଅନେକ ଅଜ୍ଞାତ ତଥ୍ୟକୁ ସେ ଲୋକଲୋଚନକୁ ଆଣିଛନ୍ତି। ଏତଦ୍ ବ୍ୟତୀତ ସେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଗୁରୁ ଡିଣ୍ଡିମ ଜୀବାଦେବଙ୍କ ସମ୍ପର୍କରେ ସର୍ବ ପ୍ରଥମ ଆଲୋଚନା କରିଛନ୍ତି। ସଂସ୍କୃତ ସୂକ୍ତିଗୁଡ଼ିକର ସେ ସଙ୍କଳନ ମଧ୍ୟ କରିଛନ୍ତି। କାର୍ତ୍ତିକେଶ୍ୱର ସାହୁ ( ୧୫-୩-୧୯୪୧), ଧର୍ମଦାସପୁ'ର, କୁଆଁପାଳ- 'ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସରେ ଶିଳ୍ପକଳା' ହେଉଛି କାର୍ତ୍ତିକେଶ୍ୱରଙ୍କ ପ୍ରକାଶିତ ପୁସ୍ତକ। କିଶୋର ଶତପଥୀ (୨୩-୧-୧୯୫୧) ,ପରଶୁରାମପୁର, - ଜଣେ ଅନୁବାଦକ, ଜୀବନୀ ଲେଖକ ଭାବେ କିଶୋର ଶତପଥୀ ଜଣାଶୁଣା। ତାଙ୍କ ଅନୂଦିତ ପୁସ୍ତକ ଗୁଡିକ ହେଲେ- 'ଗାନ୍ଧୀବାଣୀ', 'ଅଗ୍ନିବିହଙ୍ଗ' ଏବଂ ଜୀବନୀ ପୁସ୍ତକ ଗୁଡିକ ହେଲା- 'ପ୍ରବାଦ ପୁରୁଷ', 'ରାଷ୍ଟ୍ରପତି ଏ.ପି.ଜେ. କଲାମ'। ତାଙ୍କର ବିଜ୍ଞାନଭିତ୍ତିକ ରଚନା ହେଉଛି 'ସୌର ମଣ୍ଡଳ'। କିଶୋରୀ ଚରଣ ଦାସ ( ୧-୩ ୧୯୨୪ ରୁ ୧୭-୮-୨୦୦୪) ଶୁକ୍ଳେଶ୍ୱର – କିଶୋରୀ ଚରଣ କଟକରେ ଅବସ୍ଥାନ କରୁଥିଲେ ମଧ୍ୟ ତାଙ୍କ ପୈତୃକ ଗାଁ ହେଉଛି ଶୁକ୍ଳେଶ୍ୱର। ସେ 'ସମୟ ନାହିଁ '(ଆତ୍ମଜୀବନୀ), 'My Writing My Times', ( ମୋ ସମୟ ମୋ ସାହିତ୍ୟ'), 'ଚେନାଏ ପୃଥିବୀ ଚିରୁଡାଏ ଘର' (ଭ୍ରମଣ କାହାଣୀ), 'କୁଆଁରୀ ଓ କୁହୁଡି', 'ଅଭିନୟର ପରିଧି' 'ଭଙ୍ଗା ଖେଳନା', 'ଲକ୍ଷ ବିହଙ୍ଗ', 'ଘର ବାହୁଡା', 'ମଣିହରା' ( ଗଳ୍ପ ସଂକଳନ ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର) , 'ଠାକୁର ଘର' ( ଗଳ୍ପ ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର), 'ନାଲି ଗୁଲୁ ଗୁଲୁ ସାଧବବୋହୂ', 'ଖେଳର ନାମ ରଙ୍ଗ', 'ଭିନ୍ନ ପାଉଁଶ' ( ଗଳ୍ପ ସଂକଳନ ପାଇଁ ସାରଳା ପୁରସ୍କାର), 'ଶୀତ ଲହରୀ', 'ତ୍ରୟୋବିଂଶ ମୃତ୍ୟୁ', 'ଲେଉଟାଣି', 'ନିଜ ସଙ୍ଗ', 'ଧବଳ ଆକାଶ', ଥରୁଟିଏ', 'ତରଙ୍ଗ', 'ଶେଷଗଳ୍ପ', 'ପରଦା ତଳେ ଓ ଅନ୍ୟାନ୍ୟ ଗଳ୍ପ' ଗଳ୍ପଗ୍ରନ୍ଥର ସ୍ରଷ୍ଟା। ତାଙ୍କ ଉପନ୍ୟାସ ମାନଙ୍କ ମଧ୍ୟରେ "ସାତଟି ଦିନର ସତୀ', 'ସକଳ ସନ୍ତାନ', 'ନେତା ଓ ନେତ୍ରମଣି', 'ସ୍ୱର୍ଗସୀମା', "ବିଦେଶିନୀ', 'ତୁମ ଆମ ଶତାବ୍ଦୀ', 'ଶେଷ ଅଙ୍କ ପ୍ରଥମ ଦୃଶ୍ୟ', 'ଶାନ୍ତ ଅପରାହ୍ଣ', 'ନିଆଁ' ଇତ୍ୟାଦି ପ୍ରଧାନ। କିଶୋରୀଚରଣଙ୍କ ପ୍ରବନ୍ଧଗୁଡିକ ମଧ୍ୟରେ 'ଲେଖକଙ୍କର ସଂସାର', 'କଥା ସାହିତ୍ୟର କଳା ଓ କାରିଗରି', 'ଲେଖକର ଦୁଃଖ' ଏବଂ 'ସାହିତ୍ୟ ପ୍ରେମର ଶେଷକଥା 'ଇତ୍ୟାଦି ପ୍ରଧାନ। ସେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ସମ୍ମାନ ସୂଚକ ଡି. ଲିଟ୍ . ଉପାଧି ପାଇବା ସହିତ ଉତ୍କଳ ସାହିତ୍ୟ କଳା ପରିଷଦ ତରଫରୁ 'ଉତ୍କଳଶ୍ରୀ' ଉପାଧି ପାଇଛନ୍ତି। କୁଳମଣି ମହାପାତ୍ର (୧୭-୬-୧୯୨୬ ରୁ ୨୦୦୭), ନୃତାଙ୍ଗ- ଜଣେ ନାଟ୍ୟକାର, ଗାଳ୍ପିକ ଏବଂ ସମାଲୋଚକ ଭାବରେ କୁଳମଣି ମହାପାତ୍ରଙ୍କର ପ୍ରସିଦ୍ଧି ରହିଛି। ତାଙ୍କ ରଚିତ ନାଟକଗୁଡ଼ିକ ହେଲା- 'ସାତୋଟି ଏକାଙ୍କିକା', 'ଏକାଙ୍କିକା ହସ ଓ କାନ୍ଦର', 'ଦୁର୍ନୀତିର ପରାଜୟ ', 'ଦୁର୍ନୀତିର ପୁନର୍ଜନ୍ମ' ଇତ୍ୟାଦି। 'ମୂଷା ଛୁଆଙ୍କ ପାଠପଢା', 'ମୂଷି ଓ ପୁସି' ହେଉଛି ତାଙ୍କ ରଚିତ ଶିଶୁ ସାହିତ୍ୟ । ସେହିପରି ତାଙ୍କ ରଚିତ ଗଳ୍ପ ଓ ରମ୍ୟରଚନାଗୁଡ଼ିକ ହେଲା- 'ନରେ ବା ବାନରେ ବା', 'ଆଳିଆ ହିସାବରେ ବାଳିଆ ବନ୍ଧୁ', 'ବ୍ୟଙ୍ଗୋକ୍ତି', 'ତେଲ କଡେଇ', 'ନୁଖୁରାର କେନ୍ଦରା', 'ଆଦର୍ଶ ବିବାହ' ଇସ୍ତାହାର', 'ରୂପାନ୍ତର', 'ଭାଷା ବନାମ ରାଷ୍ଟ୍ରଭାଷା' ଇତ୍ୟାଦି। ସେହିପରି ସେ 'ଗୀତିଯୁଗୀୟ କବି ଓ କାବ୍ୟ', 'କାବ୍ୟଶିଳ୍ପ ଓ ଉପେନ୍ଦ୍ର ଭଞ୍ଜ', 'ଓଡ଼ିଆ ସାହିତ୍ୟ : ଏକ ନବ ମୂଲ୍ୟାୟନ', 'ମଧ୍ୟଯୁଗୀୟ ଓଡ଼ିଆ ରୀତିକାବ୍ୟରେ ଶୃଙ୍ଗାର ଚେତନା' ଆଦି ସମାଲୋଚନା ପୁସ୍ତକ ରଚନା କରିଛନ୍ତି। କୁଳମଣି ସାମଲ (୩-୧୨-୧୯୨୯ ରୁ ୨୦୧୩ ) , ନୃତାଙ୍ଗ-ପଦାର୍ଥ ବିଜ୍ଞାନ ବିଷୟରେ ଅଧ୍ୟାପନା କରିବା ସହିତ ସେ ଏହି ବିଷୟରେ ଡକ୍ଟରେଟ୍ କରିଛନ୍ତି। ସେ ୨୫ଟି ପାଖାପାଖି ବହି, ୨୦ଟି ପାଖାପାଖି ପାଠ୍ୟପୁସ୍ତକ ଏବଂ ୩୦୦ରୁ ଊର୍ଦ୍ଧ୍ୱ ପ୍ରବନ୍ଧ ରଚନା କରିଛନ୍ତି। ତାଙ୍କ ରଚିତ ପୁସ୍ତକ ମଧ୍ୟରେ 'ପରିବେଶ କଥା', 'ଆମେ ଓ ଆମ ବୈଜ୍ଞାନିକତା', 'ଗ୍ରହରୁ ଗ୍ରହାନ୍ତର ଯାତ୍ରା ', 'ତାରା ରାଇଜର କଥା', 'ସଭ୍ୟତାର ତିନୋଟି ସୋପାନ', ମହାକାଶର ଆହ୍ୱାନ', 'ମହାଶୂନ୍ୟରେ ମନୁଷ୍ୟ', 'ଶୁଣିଲା ଲୋକକୁ ମିଛ', 'ଚନ୍ଦ୍ରଲୋକକୁ ଯାତ୍ରା', 'ବିଜ୍ଞାନୀ ଅଜାଙ୍କ କଥାକୋଥଳି', 'ମହାକାଶ କଥା', 'ପ୍ରଚଳିତ ପ୍ରଥାର ବୈଜ୍ଞାନିକ ସମୀକ୍ଷା '(ସମ୍ପାଦନା), 'ସବୁରି ମୂଳରେ ବିଜ୍ଞାନ', 'ଆସ ବିଜ୍ଞାନ ଶିଖିବା', 'ବୈଜ୍ଞାନିକ ଚିନ୍ତାଧାରା', 'ତମ ପାଇଁ ବିଜ୍ଞାନ କଥା', 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ' ( ସମ୍ପାଦନା), 'ସି. ଭି.ରାମନ୍ ', 'ଶକ୍ତିସଙ୍କଟ ସମାଧାନ'

ଜଗତର ନିର୍ମାତା ', 'ଗପ ନୁହେଁ ଏ ବିଜ୍ଞାନ କଥା ', ବୈଜ୍ଞାନିକ' ଇତ୍ୟାଦି ପ୍ରଧାନ। 'ଦୂରସଂଚାର କାହାଣୀ' ହେଉଛି ତାଙ୍କର ଏକ ଅନୁବାଦ ପୁସ୍ତକ। ସେ 'ବିଜ୍ଞାନପ୍ରଭା' ପତ୍ରିକାର ସମ୍ପାଦକ ମଧ୍ୟ ଥିଲେ। ଏତଦ୍ ବ୍ୟତୀତ ସେ 'କବି ଯଦୁମଣି ମହାପାତ୍ରଙ୍କର ଜୀବନୀ ମଧ୍ୟ ଲେଖିଛନ୍ତି। କେଶବ ଚନ୍ଦ୍ର ସାହୁ (୧-୭-୧୯୧୭ ରୁ ୨୦୦୧), କୁମୁଡା ଜୟପୁର-ଡକ୍ଟର କେଶବ ଚନ୍ଦ୍ର ସାହୁ ଚର୍ମରୋଗ ବିଶେଷଜ୍ଞ ଭାବେ ସମଗ୍ର ଓଡ଼ିଶାରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ଓଡ଼ିଶା ବିଜ୍ଞାନ ଏକାଡେମୀ ଗଠନରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ପ୍ରଫେସରପଡାରେ ଏକ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ, ଯାହା ତାଙ୍କ ନାମରେ ନାମିତ। ତାଙ୍କ ସାହିତ୍ୟିକ କୃତି ମଧ୍ୟରେ 'ସ୍ୱାସ୍ଥ୍ୟ ଓ ସମାଜ','ସାଧାରଣ ଚର୍ମରୋଗ ଭଲ ହୁଏ' ,' ନୀତିବିଜ୍ଞାନ ଗଳ୍ପମାଳା', 'ମନଭୂଇଁ ଓ ରୋଗ', 'ସନ୍ଧାନ ଓ ପାଥେୟ' (ଗଳ୍ପ ସଂକଳନ) , 'ଦୁଃସ୍ଥ ମାନବ',' ଜୀବନ ରଙ୍ଗମଞ୍ଚରେ ରାମ ନାମ କାହିଁକି', ରାମକୃଷ୍ଣ ଓ ଉତ୍କଳଭୂମି', 'ଶ୍ରୀକୃଷ୍ଣଙ୍କ ସାମ୍ୟବାଦ', 'ଭାଗବତ ଧର୍ମ ସମୀକ୍ଷା', 'ରାମାୟଣ ଚେତନାର ଏକ ଝଲକ' ଏବଂ 'ଚିନ୍ତା ଓ ଚେତନା', 'ଶ୍ରୀ ଜଗନ୍ନାଥ' ଇତ୍ୟାଦି ପ୍ରଧାନ। ସେ ଇଂରାଜୀରେ ମଧ୍ୟ ଅନେକ ପୁସ୍ତକ ରଚନା କରିଛନ୍ତି, ସେଥିମଧ୍ୟରୁ "Shepherd", 'The Social Medicine' ଆଦି ପ୍ରଧାନ। ଉଲ୍ଲେଖଯୋଗ୍ୟ ଯେ, ଡାକ୍ତର ସାହୁଙ୍କର ଦେଶବିଦେଶରେ ୩୧୬ରୁ ଉର୍ଦ୍ଧ୍ୱ ଲୋକପ୍ରିୟ ଓ ଗବେଷଣାଧର୍ମୀ ପ୍ରବନ୍ଧ ପ୍ରକାଶ ପାଇଛି ଏବଂ ସେ ରାଜ୍ୟ, ଦେଶ ଓ ବିଦେଶରେ ୧୫୫୫ରୁ ଉର୍ଦ୍ଧ୍ୱ ବକ୍ତୃତା ପ୍ରଦାନ କରିଛନ୍ତି। ତାଙ୍କ ଦିଗ୍ ଦର୍ଶନରେ ୧୫ଜଣରୁ ଅଧିକ ଗବେଷକ ପିଏଚ. ଡି. ପାଇଛନ୍ତି। କୃଷ୍ଣଚନ୍ଦ୍ର କର (୧୯୦୬ ରୁ ୨-୧୧- ୧୯୯୫), ମୂଳବସନ୍ତ – ଶିଶୁ ଓ କିଶୋରମାନଙ୍କ ଉଦ୍ଦେଶ୍ୟରେ ସେ ଅର୍ଦ୍ଧ ଶତାଧିକ ପୁସ୍ତକ ରଚନା କରିଯାଇଛନ୍ତି। ତାଙ୍କ ରଚନାଗୁଡିକ ମଧ୍ୟରେ 'ଲାଜକୁଳୀ', 'ପରଶୁରାମ', 'ଋଷିକଥା ସିରିଜ୍ ', 'ପୁରାଣ କାହାଣୀ', 'ଲବକୁଶ', 'ସତୀ', 'ଅମର ଚରିତମାଳା', 'କୁଳବୃଦ୍ଧ ମଧୁସୂଦନ', କବିବର ରାଧାନାଥ', ଶୂଦ୍ରମୁନି ସାରଳା', 'ବାଗ୍ମୀ ବିଶ୍ୱନାଥ', 'ବାବା ଭୈରବାନନ୍ଦ', ପୁରୁଷୋତ୍ତମଦେବ', 'ସାଧବଘରର କଥା', ସୁନା ରାଇଜ', 'କୁହୁକ ରାଇଜ', 'ପୁରାଣପ୍ରଭା', 'ଜାତକ ଗଳ୍ପ', 'ସପନ ରାଇଜ', 'ଇସପ କଥା', 'ସାଧନା ଓ ସିଦ୍ଧି ', 'ଆଦି ଯୁଗର ଗଳ୍ପ' ଏବଂ 'ଆକାଶ ରହସ୍ୟ', ଇତ୍ୟାଦି ପ୍ରଧାନ। ଉଲ୍ଲେଖଯୋଗ୍ୟ ଯେ, ସେ ଗୋଦାବରୀଶ ମହାପାତ୍ରଙ୍କ ସହଲେଖକ ଭାବରେ ଦଶ ଖଣ୍ଡ ବହି ଲେଖିଛନ୍ତି। ଜଣେ ଅନୁବାଦକ ଭାବରେ ସେ 'ଋତୁ ସଂହାର' ଓ 'ମେଘଦୂତ' ର ଅନୁବାଦ କରିଛନ୍ତି। 'ବିଲ୍ୱ ମଙ୍ଗଳ' ହେଉଛି ତାଙ୍କ ଦ୍ୱାରା ରଚିତ ଏକ ଗଦ୍ୟ କାବ୍ୟ। ତାଙ୍କ ରଚିତ 'ଗାଥାୟନୀ' ହେଉଛି ଗାଥା କବିତାର ଏକ ସଂକଳନ। 'ଶ୍ରୀବତ୍ସ 'ନାମରେ ସେ ରାଧନାଥୀୟ ଶୈଳୀରେ ଏକ କାବ୍ୟ ରଚନା କରିଥିଲେ, ଯାହା ଅସମ୍ପୂର୍ଣ୍ଣ ଏବଂ ଅପ୍ରକାଶିତ। ଏହା ସହିତ ସେ ଆତ୍ମଜୀବନୀ 'ହଜିଲା ଦିନର ସ୍ମୃତି' ମଧ୍ୟ ରଚନା କରିଛନ୍ତି। କୃଷ୍ଣଚନ୍ଦ୍ର ଖୁଣ୍ଟିଆ ( ୯-୪-୧୯୫୮), ବାସୁଦେବପୁର, - 'ମଳୟ' ,' ଚିତ୍ରୋତ୍ପଳା', 'ପାଣି- ପ୍ରତିଭା' ଏବଂ 'ଓଡ଼ିଶାର ସଂକ୍ଷିପ୍ତ ପରିଚୟ' ହେଉଛି କୃଷ୍ଣଚନ୍ଦ୍ରଙ୍କର କେତୋଟି ପ୍ରକାଶିତ ପୁସ୍ତକ। କୃଷ୍ଣପ୍ରସାଦ ଚୌଧୁରୀ (୧୮୬୫- ୧୯୨୬), କୁଆଁପାଳ – କୃଷ୍ଣପ୍ରସାଦ ପଚାଶରୁ ଉର୍ଦ୍ଧ୍ୱ ପ୍ରବନ୍ଧ ରଚନା କରିଥିଲେ ମଧ୍ୟ ପୁସ୍ତକାକାରରେ ସେଗୁଡିକ ସଂକଳିତ ହୋଇନାହିଁ। ତାଙ୍କ ପ୍ରବନ୍ଧଗୁଡିକ ମଧ୍ୟରେ 'ପରିବର୍ତ୍ତନ'( ତାଙ୍କ ରଚିତ ପ୍ରଥମ ପ୍ରବନ୍ଧ), 'ହିନ୍ଦୁଧର୍ମର ପୁନରୁତ୍ଥାନ', 'ଧର୍ମ ଓ ଜୀବନ', 'ମହାପୂଜା ଓ ସ୍ତ୍ରୀ ଶିକ୍ଷା', 'ସ୍ତ୍ରୀ ଜାତିର ସ୍ୱାଧିକାର', 'ପାରିବାରିକ ଧର୍ମ ସାଧନା', 'ଜାତୀୟ ଉନ୍ନତି', 'ଆତ୍ମ ପରୀକ୍ଷା', 'ଆର୍ଯ୍ୟପ୍ରତିଭା', 'କଳ୍ପବଟ ହିନ୍ଦୁଧର୍ମ', 'ପର୍ଯ୍ୟଟନ ', 'ସମାଲୋଚନା', 'ସାହିତ୍ୟ ସେବା', 'କବିତାଳିକା', 'ସାହିତ୍ୟିକ ଇତିବୃତ୍ତ', 'ଓଡ଼ିଶାର ଇତିହାସ ଚର୍ଚ୍ଚା ', 'ସାହିତ୍ୟ ', 'ସାଧନା', ,, 'ଭାରତୀୟ ଶିକ୍ଷା ସଂସ୍କାର', 'ଉତ୍କଳ ସାହିତ୍ୟ ଓ ଉତ୍କଳୀୟ ପାଠକ', 'ଉତ୍କଳ ସାହିତ୍ୟର ପ୍ରାଣ ପ୍ରତିଷ୍ଠା ', 'ଶିଶୁବୋଧ ରାମାୟଣ', 'ଓଡ଼ିଆ ଯାତ୍ରା ଲୀଳା ଓ ପ୍ରହସନ' ଓ 'ସ୍ୱାବଲମ୍ବନ' ଇତ୍ୟାଦି ପ୍ରଧାନ। ଓଡ଼ିଆ ସାହିତ୍ୟର ଇତିହାସ ପୁସ୍ତକ ସମ୍ପର୍କରେ ଆଲୋଚନା କରିବା ସମୟରେ କୃଷ୍ଣପ୍ରସାଦ ଚୌଧୁରୀଙ୍କ ନାମ ସ୍ୱତଃ ମନକୁ ଆସିଥାଏ। ଓଡ଼ିଆ ସାହିତ୍ୟର ଏକ ଧାରାବାହିକ ଇତିହାସ ଲେଖିବା ପାଇଁ ସେ ଓଡ଼ିଆମାନଙ୍କୁ ଆହ୍ୱାନ ଦେଇ ୧୮୯୬ ମସିହା ଜୁନ୍ ମାସ ୨ ତାରିଖରେ 'ଉତ୍କଳ ଦୀପିକା' ପତ୍ରିକାରେ ଏକ ବିଜ୍ଞାପନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୧୮୯୪ ମସିହା ଅଗଷ୍ଟ-ସେପ୍ଟେମ୍ବର ମାସ 'ଉତ୍କଳ ଦୀପିକା'ରେ ୧୩୮ ଜଣ କବିଙ୍କର ଏକ ତାଲିକା ପ୍ରଦାନ କରିଥିଲେ। ସେ 'ଉତ୍କଳ ସାହିତ୍ୟ' ପତ୍ରିକାର ସମ୍ପାଦକ ବିଶ୍ୱନାଥ କରଙ୍କର ଥିଲେ ସହଯୋଗୀ ଓ ଏହି ପତ୍ରିକାର କାର୍ଯ୍ୟାଧକ୍ଷ। କ୍ଷୀରୋଦ

ଚନ୍ଦ୍ର ଦାଶ (୨୬-୪-୧୯୫୪), ନୃତାଙ୍ଗ- ଶ୍ରୀଯୁକ୍ତ ଦାଶ ସଂସ୍କୃତରେ ଅନେକ ପୁସ୍ତକ ରଚନା କରିଛନ୍ତି, ସେଥିମଧ୍ୟରୁ 'ତାରୁଣ୍ୟ ଶତକମ୍ ', 'ଅରଣ୍ୟ ଶସ୍ୟମ୍ ','ରମାକାନ୍ତ କବିତା ସଞ୍ଚୟନମ୍ ' ଇତ୍ୟାଦି ପ୍ରଧାନ । ସେ 'ଚିଲିକା' କୁ ଅନୁବାଦ କରିଥିବା ବେଳେ 'ସଂସ୍କୃତ ନାଟ୍ୟ ସାହିତ୍ୟମ୍ 'ନାମରେ ଏକ ସମାଲୋଚନା ପୁସ୍ତକ ରଚନା କରିଛନ୍ତି। 'ତାରୁଣ୍ୟ ଶତକମ୍' ସଂସ୍କୃତ ପୁସ୍ତକ ପାଇଁ ଶ୍ରୀଯୁକ୍ତ ଦାଶ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଗୋପୀନାଥ କର (୧୮୭୦ରୁ ୧୯୩୦), ମୂଳବସନ୍ତ- ବହୁ ସଂସ୍କୃତ ପୁରାଣକୁ ସେ ଓଡ଼ିଆ ଭାଷାରେ ଚଉଦ ଅକ୍ଷରୀ ବୃତ୍ତରେ ଅନୁବାଦ କରିଛନ୍ତି। 'ବିଚିତ୍ର ବିଲଙ୍କା' ନାମରେ ତାଙ୍କର ଏକ କୃତି ଅଛି, ଯାହା 'ବିଲଙ୍କା ରାମାୟଣ' ର କାବ୍ୟରୂପ। ଏତଦ୍ ବ୍ୟତୀତ ସେ 'ଅକ୍ରୁର ବୋଲି 'ଓ 'ନାମରତ୍ନ ଚଉତିଶା' ରଚନା କରିଥିଲେ। ଗୋପୀନାଥ ସାମଲ ( ୨୯-୫- ୧୯୩୪), ରାଣୀଯୋଡା – 'ନୀଳମାଧବଙ୍କୁ ପଦେ' ଓ 'ମୋ ଭାବନା' ଗୋପୀନାଥଙ୍କ କୃତି । ଗୁରୁଚରଣ ରାଉତରାୟ (୪-୮-୧୯୦୨), ଶିପୁରା- ମୁଖ୍ୟତଃ ଜଣେ ଶିଶୁ ସାହିତ୍ୟିକ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ହେଲା- 'ମହାତ୍ମା ଗାନ୍ଧୀ', 'ପଣ୍ଡିତ ନେହେରୁ', 'ସୁଭାଷ ବୋଷ', ଲାଲ ବାହାଦୁର ଶାସ୍ତ୍ରୀ', 'ଉତ୍କଳମଣି ଗୋପବନ୍ଧୁ', 'ସ୍ୱାସ୍ଥ୍ୟ ଓ ସମାଜ'। ତାଙ୍କ ରଚିତ ଭ୍ରମଣ କାହାଣୀ ହେଉଛି 'ତୀର୍ଥ ଯାତ୍ରା ଓ ଗୟାରେ ପିଣ୍ଡଦାନ'। ସେହିପରି ଗୁରୁଚରଣଙ୍କ ରଚିତ ପ୍ରବନ୍ଧ ହେଉଛି 'ଆଧୁନିକ ଲିଖନ'। ଗୋଲୋକଚନ୍ଦ୍ର ପ୍ରଧାନ- ( ୨୫-୧ ୧୮୯୬ ରୁ ୨୭-୧୨-୧୯୯୭) ଗୋପାଳପୁର - 'ଇନ୍ଦୁରେଖା', 'ସତ୍ୟଭାମା' ଇତ୍ୟାଦି କାବ୍ୟକୁ ଭଞ୍ଜୀୟ ଶୈଳୀରେ ରଚନା କରିଛନ୍ତି ଗୋଲୋକଚନ୍ଦ୍ର। ଏଥିପାଇଁ ଆଠଗଡ ରାଜା କିଶୋରଚନ୍ଦ୍ର ଦେବ ତାଙ୍କୁ 'ଦ୍ୱିତୀୟ ଭଞ୍ଜ' ଉପାଧି ଦେଇଥିଲେ। ଏବେ ମଧ୍ୟ ପାଲା ଗାୟକମାନେ ତାଙ୍କ କାବ୍ୟରୁ ଅନେକ ପଦ ଆବୃତ୍ତି କରିଥାନ୍ତି। 'ସତ୍ୟଭାମା' କାବ୍ୟ 'ଓଡ଼ିଶା ସାହିତ୍ୟ ଏକାଡେମୀ' ଦ୍ୱାରା ପୁରସ୍କୃତ ହୋଇଥିଲା। ତାଙ୍କର ଅନ୍ୟାନ୍ୟ କାବ୍ୟକୃତି ମଧ୍ୟରେ 'ଅର୍ଜୁନ' , 'ଦକ୍ଷିଣା', 'ତୁଳସୀ ବିଳାସ', 'ଦେବକୁଟ', 'ଶ୍ରୀ ରଘୁନାଥ', 'ଶ୍ରୀକୃଷ୍ଣ', 'ଶାଣ୍ଡିଲ୍ୟ' , 'ରାକ୍ଷସୀ କନ୍ୟା', 'କୁସୁମ୍ବି', 'ଜମ୍ବଦଳନ', 'ଶେଷହସ' ଇତ୍ୟାଦି । ଗୋଲୋକ ଚନ୍ଦ୍ରଙ୍କ ଗଦ୍ୟରଚନାଗୁଡିକ ମଧ୍ୟରେ 'ଯୋଗ ଦର୍ପଣ', 'ମହାପୁରୁଷ ଅରକ୍ଷିତ ଦାସ' ଇତ୍ୟାଦି ପ୍ରଧାନ। ଚନ୍ଦ୍ରମଣି ଦାସ (୧୮୮୭), କୁମୁଡା ଜୟପୁର- ଚନ୍ଦ୍ରମଣିଙ୍କ ରଚିତ ପୁସ୍ତକଗୁଡିକ ହେଲେ- 'ବ୍ୟାସ ସରୋବର', 'ବିଜନ ପଲ୍ଲୀ', 'ପଦାଙ୍କ ଦୂତ', 'ହଂସଦୂତ' ଏବଂ 'କଳିକା'। ତାଙ୍କର 'ବିଜନପଲ୍ଲୀ' କବିତାଗ୍ରନ୍ଥ ଅଲିଭର ଗୋଲ୍ଡସ୍ମିଥଙ୍କ 'Deserted Village' ର ଅନୁକୃତି। ଚୌଧୁରୀ ହେମକାନ୍ତ ମିଶ୍ର ( ୧୩-୪- ୧୯୩୪ ରୁ ୧-୯ ୨୦୦୫) , ଭେଡା- ଚୌଧୁରୀ ରାଧାନାଥ ମିଶ୍ରଙ୍କର ସୁପୁତ୍ର ହେଉଛନ୍ତି ହେମକାନ୍ତ। ମନୋବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲାପରେ ସେ 'ଜାତୀୟ ଶିକ୍ଷା ଓ ଗବେଷଣା ତାଲିମ ପ୍ରତିଷ୍ଠାନ'ରେ ଅଧ୍ୟାପନା କରିଥିଲେ। କିଛି ମାସ ପାଇଁ ସେ 'ତରଙ୍ଗ' ପତ୍ରିକାର ସମ୍ପାଦନା କରିଥିଲେ। ତାଙ୍କ କୃତିଗୁଡିକ ମଧ୍ୟରେ 'ନିଷିଦ୍ଧ ପୁସ୍ତକ' ,ତେରେଛା ଗପ', 'ଭଲ୍ଲୁକର ପୂରା ପ୍ୟାଣ୍ଟ ଓ ଅନ୍ୟାନ୍ୟ ମଜାଗପ', 'ହେମକାନ୍ତଙ୍କ ହସଗୋଲା', ଅଘଟଣ ସଂକଳନ', 'କୁରୁଳିଆ ଗଳ୍ପ', 'ଚୌଧୁରୀ ହେମକାନ୍ତଙ୍କ ଶ୍ରେଷ୍ଠ ଗଳ୍ପ' ,' ଶ୍ରେଷ୍ଠ ବ୍ୟଙ୍ଗ ସଂକଳନ', ହାସ ପରିହାସ', 'ହାସ ପରିହାସ', 'ନିଜଗୁନ୍ଥା କଥାମାଳ' ଏବଂ 'ହେମକାନ୍ତଙ୍କ ହସକୁରା କଥାମାଳା', 'ବ୍ୟଙ୍ଗୁଲିକଥା' ଇତ୍ୟାଦି ପ୍ରଧାନ। ସେ 'ହାସ୍ୟସମ୍ରାଟ ଫତୁରାନନ୍ଦ' ନାମରେ ମଧ୍ୟ ଏକ ପୁସ୍ତକ ରଚନା କରିଛନ୍ତି। ଏତଦ୍ ବ୍ୟତୀତ ସେ ଭାଷା ବିଜ୍ଞାନ ସମ୍ପର୍କିତ 'ଭାଷା ପରୀକ୍ଷଣ' ନାମରେ ଏକ ପୁସ୍ତକ ରଚନା କରିଛନ୍ତି। ଜଣେ ଅନୁବାଦକ ଭାବରେ ସେ 'ତାସଘର' ( ମୂଳ ରଚନା- ମୁପ୍ ପାଳ ରଙ୍ଗନାୟକମ୍ମା), 'କନ୍ନଡ କାହାଣୀମାଳା', 'କବି' ( ମୂଳ ରଚନା- ତାରାଶଙ୍କର ବନ୍ଦୋପାଧ୍ୟାୟଙ୍କ ), ମରଣ ପରେ' ( ମୂଳ ରଚନା-ଶିବରାମ କାରନ୍ତ), 'ମନୁଷ୍ୟର ରୂପ' ( ମୂଳରଚନା – ଯଶପାଲ), 'ବିଲେଇ ନାନୀର ପରିବାର ( ମୂଳରଚନା- ଏମ . ଡି. ଚତୁର୍ବେଦୀ), "ସୃଜନଶୀଳ ଜୀବନ ପାଇଁ ଶିକ୍ଷା' ( ମୂଳ ସମ୍ପାଦନା- ଦାଏଲ ଏମ ବେଥେଲ), 'ହିନ୍ଦୁ ଧର୍ମ କ'ଣ' ( ଗାନ୍ଧିରଚନାବଳୀର ଅଂଶବିଶେଷ) ' ଆଶୁତୋଷ ମୁଖାର୍ଜୀ' ( ମୂଳ ରଚନା- ଏ.ପି. ଦାସଗୁପ୍ତ ) 'ବାରବୁଲା ଦେବଦୂତ' ( ମୂଳ ରଚନା- ବିଷ୍ଣୁ ପ୍ରଭାକର) ଓ 'କଥାଭାରତୀ ତାମିଲ ଗଳ୍ପମାଳା 'ପୁସ୍ତକ ଅନୁବାଦ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସେ ବିଷ୍ଣୁ ପ୍ରଭାକରଙ୍କ 'ଆୱାରା ମସିହା' କୁ ଓଡ଼ିଆରେ 'ବାରବୁଲା ଦେବଦୂତ' ନାମରେ ଅନୁବାଦ କରି ୨୦୦୪ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ପୁନଶ୍ଚ, 'ନିଷିଦ୍ଧ ପୁସ୍ତକ' ଗଳ୍ପଗ୍ରନ୍ଥ ପାଇଁ ସେ . ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଜଗନ୍ମୋହନ ଲାଲା (

୨୫-୧୧-୧୮୩୮ ରୁ ୨୬-୧୨-୧୯୧୩), ମାହାଙ୍ଗା – ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାର ଭାବରେ ଜଗନ୍ମୋହନ ଲାଲା ସମ୍ମାନିତ। ତାଙ୍କ ରଚିତ 'ବାବାଜୀ' (୧୮୭୭) ହେଉଛି ଓଡ଼ିଆ ସାହିତ୍ୟର ସର୍ବପ୍ରଥମ ନାଟକ ।' ବାବାଜୀ 'ବ୍ୟତୀତ ସେ 'ସତୀ' ( ୧୮୮୬) ଓ 'ପ୍ରୀତି 'ନାଟକ ରଚନା କରିଥିଲେ। ଏକମାତ୍ର ପ୍ରହସନ 'ବୃଦ୍ଧବିବାହ'ର ସେ ହେଉଛନ୍ତି ସ୍ରଷ୍ଟା। ସେହିପରି ଇଂରେଜ କବି ପର୍ନେଲ୍ ଙ୍କ 'The Hermit' ଅନୁସରଣରେ ସେ ରଚନା କରିଥିଲେ 'ଭ୍ରମ ଭଞ୍ଜନ"। ପାଶ୍ଚାତ୍ୟ ସାହିତ୍ୟରୁ କଥାବସ୍ତୁ ଆହରଣ କରି ଏ ଦେଶରେ ସେସବୁକୁ ଆରୋପଣ ଓ ସମୀକରଣ କରିବାରେ ପ୍ରଥମ ଗୌରବ ତାଙ୍କର ହିଁ ପ୍ରାପ୍ୟ। ସେ ଟୟନବୀଙ୍କର 'ଓଡ଼ିଶା ଇତିହାସ' କୁ ଆଂଶିକ ଭାବରେ ଅନୁବାଦ କରିଥିଲେ। ଇଂରେଜମାନଙ୍କ ଓଡ଼ିଶା ଅଧିକାର ଘଟଣାକୁ ଆଧାର କରି 'ଓଡ଼ିଶା ବିଜୟ' ନାମରେ ସେ ଏପରି ଐତିହାସିକ ଆଲୋଚନା କରିଛନ୍ତି। ଟୟନବୀଙ୍କ 'A Sketch of the History of Orissa, 1803 – 1828' ର ଏହା ଓଡ଼ିଆ ରୂପାନ୍ତର। ସେ ୧୮୭୫ ମସିହାରେ ମାହାଙ୍ଗାରେ 'ରାଧାକାନ୍ତ ମଞ୍ଚ' ପ୍ରତିଷ୍ଠା କରିଥିଲେ। ତାଙ୍କର ଅନ୍ୟାନ୍ୟ ରଚନା ହେଉଛି 'ବ୍ରହ୍ମ ଭଜନ'। ଜୀବାନନ୍ଦ ଆଚାର୍ଯ୍ୟ (୧୫-୭-୧୯୨୧ ରୁ ୫-୨-୧୯୮୨), ସମସରପୁର- 'ଜୀବନ ପଥେ' କବିତା ସଂକଳନ ଏବଂ 'ମଣିଷ କ'ଣ ନ କରି ପାରେ' ପ୍ରବନ୍ଧର ଲେଖକ ହେଉଛନ୍ତି ଜୀବାନନ୍ଦ। ଜୀମୂତ ତ୍ରିପାଠୀ (୧୯-୧୧-୧୯୫୫), ଭେଡା –ଜୀମୂତ କିଛି ଦିନ ପାଇଁ କିଶୋର ପତ୍ରିକା 'ତିମିରାଲୋକ' ର ସମ୍ପାଦନା କରିଥିଲେ। ସେ 'କାଠ କଣ୍ଢେଇ', 'ଗୋଧିଅସୁର', 'ମନୁଆ ଅଜାଙ୍କ ମଜାକଥା' ଓ 'ବିଚିତ୍ର ଦୁନିଆ' ଇତ୍ୟାଦି କିଶୋର ସାହିତ୍ୟ ରଚନା କରିଛନ୍ତି। 'କାହ୍ନା ଓ ଅନ୍ୟାନ୍ୟ ଗଳ୍ପ' ହେଉଛି ତାଙ୍କର ଗଳ୍ପ ସଂକଳନ। ଜୀମୂତ 'ଶ୍ରୀଜଗନ୍ନାଥ' ଙ୍କ ଉପରେ ଏକ ପ୍ରାମାଣିକ ସି.ଡି. ପ୍ରସ୍ତୁତ କରିଛନ୍ତି। ଜ୍ଞାନୀନ୍ଦ୍ର ବର୍ମା ( ୨୧-୨-୧୯୧୬ ରୁ ୧୯୯୦) , କୁସୁପୁର- ଜ୍ଞାନୀନ୍ଦ୍ର ବର୍ମା ହେଉଛନ୍ତି ପଲ୍ଲୀକବି ନନ୍ଦକିଶୋର ବଳଙ୍କ ବଂଶଧର। ସେ 'ସମାଜ', 'କଳିଙ୍ଗ' ଓ 'ନିଉଜ୍ ଅଫ୍ ଦି ୱାର୍ଲ୍ଡ' ଆଦି ସମ୍ବାଦପତ୍ରର ସମ୍ପାଦନା କରିଛନ୍ତି। ଜଣେ ଅନୁବାଦକ ଭାବରେ ସେ ମୁଖ୍ୟତଃ ହ୍ୱିଟମ୍ୟାନ୍, ଇଲିୟଟ୍ ଓ ଏଜରା ପାଉଣ୍ଡ ଇତ୍ୟାଦିଙ୍କୁ ଅନୁବାଦ କରିଛନ୍ତି। ସେ କାଳିଦାସଙ୍କ 'ମେଘଦୂତ'କୁ ଅନୁବାଦ କରିବା ସହିତ ଏମିଲ ଜୋଲାଙ୍କ 'ନାନା', ମେଟରଲୀଙ୍କ 'ନୀଳବିହଙ୍ଗ' , ଇଲିଅଟଙ୍କ 'ୱେଷ୍ଟଲାଣ୍ଡ' (ପୋଡାଭୂଇଁ) , ହ୍ୱିଟମ୍ୟାନ୍ ଙ୍କ 'ଲିଭ୍ ସ ଅଫ୍ ଗ୍ରାସ୍ '(ଦୁର୍ବାଦଳ) ଟେନିସନଙ୍କ 'ଏନୋକ ଆଡେନ' ଙ୍କୁ ସେ ଅନୁବାଦ କରିଛନ୍ତି। ତାଙ୍କର କାବ୍ୟକୃତି ମଧ୍ୟରେ 'କଲରେଇ ଫୁଲ', 'ବୋଲେ ହୁଁ ଟି ', 'ଏକ ରାତ୍ରି', 'ଏକ ଛୋଟ ସହରର କାହାଣୀ' ,' ଜ୍ଞାନୀନ୍ଦ୍ର କବିତାବଳୀ' 'ଜୟଦେବର ନୂତନ କବିତା', 'ବୃହନ୍ନଳା ଓ ଚନ୍ଦ୍ରର ଫସିଲ୍' , ରେନାଁସା ଓ ଡିକାଡେନସ୍ ର ଏପିକ୍ ', 'ଅନନ୍ୟ ପରିକ୍ରମା 'ଓ 'ଉତ୍ତରକ୍ରାନ୍ତି' ଇତ୍ୟାଦି ପ୍ରଧାନ। ତାଙ୍କ ରଚିତ ଉପନ୍ୟାସମାନଙ୍କ ମଧ୍ୟରେ 'ଶତାବ୍ଦୀର ସ୍ୱପ୍ନଭଙ୍ଗ', 'ଲାଲଘୋଡା', 'ଭୂମିକା', 'ଜୀବନର ଛନ୍ଦ', 'ତନୁ ଓ ଅତନୁ', 'ଶେଷ ଅଭିସାର', ଅପରାହ୍ ଣର ଆକାଶ', 'ଏଲୋରାର ଛାୟାବୀର', 'ଅରଣ୍ୟର କୁଜ୍ ଝଟିକା', 'ତିନୋଟି ହୃଦୟର କାହାଣୀ', 'ସ୍ୱର୍ଣ୍ଣ ଯୁଗର ସନ୍ଧ୍ୟା', 'ସ୍ୱର୍ଗର ଲୋତକ' ଏବଂ 'ତମସୋ ମାଂ ଜ୍ୟୋତିର୍ଗମୟ' ଇତ୍ୟାଦି ପ୍ରଧାନ। ତାଙ୍କର ଅନ୍ୟାନ୍ୟ ପୁସ୍ତକ ହେଉଛି 'ଦୁଇଟି ସୂର୍ଯ୍ୟର ଜୀବନୀ ' ଏବଂ ନାଟକ 'ସ୍ୱର୍ଣ୍ଣ ଯୁଗର ସନ୍ଧ୍ୟା'। ଉଲ୍ଲେଖଯୋଗ୍ୟ ଯେ 'ସ୍ୱର୍ଣ୍ଣ ଯୁଗର ସନ୍ଧ୍ୟା' ନାଟକ ଏବଂ 'ଏଜରା ପାଉଣ୍ଡ କବିତା ' ଅନୁବାଦ ପାଇଁ ସେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଜ୍ୟୋତ୍ସ୍ନାରାଣୀ ବ୍ରହ୍ମା ( ୨୦-୧ – ୧୯୫୮), ସମସରପୁର- ଜଣେ ଶିଶୁ ସାହିତ୍ୟିକା ଭାବେ ସେ ବେଶ୍ ଜଣାଶୁଣା। 'ଫୁଲେ ଫୁଲେ ପ୍ରଜାପତି' ହେଉଛି ଶିଶୁ ମାନଙ୍କ ଉଦ୍ଦେଶ୍ୟରେ ରଚିତ ଏକ କବିତା ସଂକଳନ। ଏଥିରେ ସମୁଦାୟ ୩୧ଟି କବିତା ସନ୍ନିବେଶିତ। ଦାଶରଥି ସାହୁ ( ୧୦-୭-୧୯୫୦), କୁସୁପୁର- ମୁଖ୍ୟତଃ ଜଣେ ଶିଶୁ ସାହିତ୍ୟିକ। ତାଙ୍କ ରଚିତ ପୁସ୍ତକ ଗୁଡ଼ିକ ହେଲା- 'ବଣ ମୁଲକର ମଜା କାହାଣୀ' ,' ପଶୁ ପକ୍ଷୀଏ କହିଲେ କଥା' ଏବଂ 'ଚୂନା ଚୂନା ସୁନାଫୁଲ '। ଧନେଶ୍ୱର ପାଣି ( ୧୩-୮- ୧୯୧୩ ) ଜାଁକୋଟୀ- ତାଙ୍କ କାବ୍ୟକବିତା ମଧ୍ୟରେ 'ମନ୍ଦାକିନୀ', 'ମଧୁମାଳତୀ', 'ପ୍ରଚଣ୍ଡ ପାଣ୍ଡବ', ମୀରାବାଈ', ନଳଦମୟନ୍ତୀ', 'ପାର୍ବତୀ ପରିଣୟ', 'ଅଭିମନ୍ୟୁ ବଧ' ଇତ୍ୟାଦି ପ୍ରଧାନ। ନନ୍ଦକିଶୋର ବଳ (୨୨-୧୨-୧୮୭୫ ରୁ ୧-୭-୧୯୨୮), କୁସୁପୁର- ପଲ୍ଲୀ ଜୀବନ ଓ ପଲ୍ଲୀ ପ୍ରକୃତିର ଜୀବନ୍ତ ବର୍ଣ୍ଣନା ପାଇଁ ସେ ପଲ୍ଲୀକବି ଭାବେ ସମ୍ମାନିତ। ତାଙ୍କ ରଚନା ମଧ୍ୟରେ 'ପଲ୍ଲୀଚିତ୍ର', 'ନିର୍ଝରିଣୀ', 'କୃଷ୍ଣାକୁମାରୀ' ,' ଶର୍ମିଷ୍ଠା', 'ଜନ୍ମଭୂମି', 'ସୀତା ବନବାସ', 'ବସନ୍ତ କୋକିଳ', 'ଛାନ୍ଦମାଳା', 'ନିର୍ମାଲ୍ୟ', 'ତରଙ୍ଗିଣୀ',

'ପ୍ରଭାତ ସଙ୍ଗୀତ', 'ସନ୍ଧ୍ୟା ସଙ୍ଗୀତ', 'ଚାରୁଚିତ୍ର' ଓ ନାନାବାୟା ଗୀତ', 'ବିରୂପା', 'ନିର୍ମାଲ୍ୟ', 'ଜନ୍ମଭୂମି', 'ମେଘ ବରଷଇ ଟପର ଟପର' ଇତ୍ୟାଦି ପ୍ରଧାନ । ଉଲ୍ଲେଖଯୋଗ୍ୟଯେ ଛାତ୍ରାବସ୍ଥାରେ 'ପଲ୍ଲୀଚିତ୍ର' କବିତା ଗ୍ରନ୍ଥ ପାଇଁ 'ତାଳଚେର ପଦକ' ପାଇଥିଲେ। ସେ 'ଲକ୍ଷ୍ମୀ' ନାମରେ ଗୋଟିଏ ମାତ୍ର ଗଳ୍ପ ଏବଂ 'କନକଲତା' ନାମରେ ଏକ ଉପନ୍ୟାସ ରଚନା କରିଛନ୍ତି । ସେ ' ମୋଗଲ ମହାନାୟକ' ନାମରେ ଏକ ନାଟକ ରଚନା କରିଥିବାର ଜଣାଯାଏ, ଯାହାର ପାଣ୍ଡୁଲିପି ଏବେବି ଦୁଷ୍ପ୍ରାପ୍ୟ । ନନ୍ଦକିଶୋର ସାମଲ (୧୨-୬-୧୯୨୫ ରୁ ୧୯-୫- ୨୦୦୩) , କୁସୁପୁର – ନନ୍ଦକିଶୋର ସାମଲ ମୁଖ୍ୟତଃ ଜଣେ ଶିଶୁ ସାହିତ୍ୟିକ। 'ଗୁଣ୍ଡୁଚି ମୂଷାର ପିଠିରେ ଗାର', 'ପଲ୍ଲୀକବି', 'ସରଗଫୁଲ', 'ମୁଁ କହିବି କଥାଟିଏ ତୁ କହିବୁ ହୁଁ', 'ଆମଘର', 'ମହାନଦୀର ନିଜ କଥା', 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି', 'ମତେ ଯେତେବେଳେ ଦଶ ବରଷ', 'ଆମେ ଏ ମାଟିର ସୁନା ଫରୁଆ', 'ଆମ ଲାଗି ଯିଏ ଶହୀଦ ହେଲେ', 'ହସି ହସାଇବା ଧରା', 'ମୋ ଗାଁ ମୋ ଦେଶ', 'ସିଏ ମୁଁ ତୁମେ', 'ଶଗଡିଆ କଥା', 'ଅଜା ପଚାରିଲେ ଆଇକି', 'ମନର ମୂଳେ ଏ ଜଗତ', 'ସମସ୍ୟା', 'ପୋଷାପୁଅ', 'ସତୀ ସାବିତ୍ରୀ'। "ଆମଘର' ହେଉଛି ତାଙ୍କର ବିଶିଷ୍ଟ କବିତା ବହି। ଉଲ୍ଲେଖଯୋଗ୍ୟ ଯେ ସେ 'ମତେ ଯେତେବେଳେ ଦଶ ବରଷ' ପୁସ୍ତକ ପାଇଁ ସେ ୧୯୯୨ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ନର୍ମଦା କର(୧୮୯୩ ରୁ ୧୯୬୩)- ବାଗ୍ମୀ ବିଶ୍ୱନାଥ କରଙ୍କ କନ୍ୟା ନର୍ମଦା କର ଅନେକ ବିଦେଶୀ ଗପକୁ ଓଡ଼ିଆରେ ଅନୁବାଦ କରିଥିଲେ। ତାଙ୍କ କୃତିରାଜିର ଏକ ,ମନୋଜ୍ଞ ସଞ୍ଚୟନ ହେଉଛି 'ପ୍ରସାଦ'। ସେ ମୁଖ୍ୟତଃ ଟଲଷ୍ଟୟଙ୍କ ଗପଗୁଡିକୁ ଅନୁବାଦ କରିଛନ୍ତି। ନାରାୟଣ ମୁଦୁଲି(୧୯୬୫), କୋଠପଦା- 'କବିତା ନୁହେଁ ମୋ କଥା', ଡାଏନୋସର', 'ଚାଷୀ ଆତ୍ମହତ୍ୟା', 'ମାଆ', 'ଚଳନ୍ତି ଭାଗବତ', 'ଶଗଡିଆ ଗୀତ', 'ପଲ୍ଲୀପ୍ରଭା' ,(କାବ୍ୟ), 'ଅଗଡମ୍ ବଗଡମ୍ ସ୍ୱାହା', 'ବାପା', 'ମୋ ସ୍ମୃତିର ପାରିଜାତ', 'ଜଗନ୍ନାଥ ଭଜନମାଳା' ଇତ୍ୟାଦି କବି ନାରାୟଣ ମୁଦୁଲିଙ୍କର କେତୋଟି କବିତା ଗ୍ରନ୍ଥ। ନିକୁଞ୍ଜକିଶୋର ଦାସ, ମାହଙ୍ଗା- 'ଗୌତମ ବୁଦ୍ଧ' ଏବଂ 'କପିଳେନ୍ଦ୍ରଦେବ' ନାମରେ ଦୁଇଟି ନାଟକ ରଚନା କରିଛନ୍ତି। ପଦ୍ମାବତୀ ଆଚାର୍ଯ୍ୟ (୭-୪-୧୯୩୦ ରୁ ୧୩-୧୨-୧୯୬୪) , ସମସରପୁର- ପଦ୍ମାବତୀ ହେଉଛନ୍ତି ଜୀବାନନ୍ଦ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ। ତାଙ୍କ ରଚିତ ପୁସ୍ତକ ହେଲା- 'ଆଦର୍ଶ ଗଳ୍ପ କଥନ', 'ପିଲାଙ୍କ ମଜା ଗପ' ଏବଂ 'ପିଲାଙ୍କ ଏକାଙ୍କିକା'। ପ୍ୟାରୀ ମୋହନ ଆଚାର୍ଯ୍ୟ ( ୫-୮-୧୮୫୧ ରୁ ୨୮-୧୨-୧୮୮୧) , ପଶୁଲୁଣ୍ଡା, କୁଆଁପାଳ- ଓଡ଼ିଆ ଭାଷାରେ ଓଡ଼ିଶାର ପ୍ରଥମ ଇତିହାସ ପୁସ୍ତକ 'ଓଡ଼ିଶାର ଇତିହାସ' (୧୮୭୯) ର ହେଉଛନ୍ତି ପ୍ରଣେତା। ଏହି ଇତିହାସ ପୁସ୍ତକଟି ପାଠ୍ୟପୁସ୍ତକ ରୂପେ ସେ ସମୟରେ ପ୍ରଚଳିତ ହୋଇଥିଲା। ସେ ୧୮୭୩ ମସିହାରେ 'ଉତ୍କଳପୁତ୍ର' ନାମରେ ଏକ ସମ୍ବାଦପତ୍ର ପ୍ରକାଶ କରିଥିଲେ। ଶିକ୍ଷାର ପ୍ରସାର ପାଇଁ ସେ 'କଟକ ଏକାଡେମୀ' ନାମରେ ଏକ ଶିକ୍ଷାନୁଷ୍ଠାନ ୧୮୭୫ ମସିହାରେ ପ୍ରତିଷ୍ଠା କରିଥିଲେ, ଯାହା ଆଜି ପ୍ୟାରୀ ମୋହନ ଏକାଡେମୀ ନାମରେ ପରିଚିତ। ସେ ଅନେକ ପ୍ରବନ୍ଧ ଓ କବିତା ମଧ୍ୟ ରଚନା କରିଥିଲେ। ଅଧ୍ୟାପକ ହରନାଥ ଭଟ୍ଟାଚାର୍ଯ୍ୟଙ୍କ ପ୍ରେରଣାରେ ଭକ୍ତକବି ମଧୁସୂଦନ ରାଓ ଏବଂ ପ୍ୟାରୀମୋହନ ଆଚାର୍ଯ୍ୟ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ। ପ୍ରତିଭା କର (୧୮୯୮ ରୁ ୧୯୫୧)- ବାଗ୍ମୀ ବିଶ୍ୱନାଥଙ୍କର ଅନ୍ୟତମ କନ୍ୟା ପ୍ରତିଭା କର 'ଡାକଘର' ଶୀର୍ଷକରେ ଗୋଟିଏ ମାତ୍ର ମୌଳିକ ଗଳ୍ପ ରଚନା କରିଥିଲେ ମଧ୍ୟ ଅନେକ ବିଦେଶୀ ଗଳ୍ପଗୁଡିକୁ ଅନୁବାଦ କରି ଓଡ଼ିଆ ଗଳ୍ପ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ପ୍ରଦ୍ୟୁମ୍ନ ବଳ (୮-୧୧-୧୯୩୨ ରୁ ୨୧-୧୨-୧୯୯୯), କୁସୁପୁର – 'ପ୍ରଗତିବାଦୀ' ସମ୍ବାଦପତ୍ରର ପ୍ରତିଷ୍ଠାତା ଓ ସମ୍ପାଦକ। ଜଣେ ସ୍ତମ୍ଭକାର ଏବଂ ରାଜନୀତିକ ନେତା ଭାବରେ ପ୍ରଦ୍ୟୁମ୍ନ ବଳ ବେଶ୍ ଜଣାଶୁଣା। ସେ ଜଗତସିଂହପୁର ସଂସଦୀୟ ଆସନରୁ ଜିତି ଲୋକସଭାର ଏମ୍ . ପି. ହୋଇଥିଲେ। 'ପ୍ରଗତିବାଦୀ' ରେ ତାଙ୍କର ଅନେକ ଚିନ୍ତାଶୀଳ ପ୍ରବନ୍ଧ ପ୍ରକାଶ ପାଇଛି ଏବଂ ପରବର୍ତ୍ତୀ ସମୟରେ ଏସବୁ ପୁସ୍ତକାକାରରେ ପ୍ରକାଶ ପାଇଛି। ତାଙ୍କର ସମୁଦାୟ ସାତଖଣ୍ଡି ପୁସ୍ତକ ପ୍ରକାଶ ପାଇଛି। ସେଗୁଡିକ ହେଲା,- 'ଜୀବନଚର୍ଯ୍ୟା', 'ସ୍ୱପ୍ନର ଓଡ଼ିଶା', 'ପ୍ରଥମ ବିଶ୍ୱ... ଅନ୍ୟ ପୃଥିବୀ', 'ପରିଭାଷା', 'ଚେତନାର ଚିତ୍ରକଳ୍ପ' ଏବଂ 'ଉନ୍ମେଷ'। ପ୍ରାଣକୃଷ୍ଣ ସାମଲ (୨୫-୧୨-୧୯୧୨ ରୁ ୨୮-୧-୧୯୫୯), କଳିଅନ୍ତି- ଜଣେ କବି ଏବଂ ଔପନ୍ୟାସିକ ଭାବରେ ସେ ଓଡ଼ିଆ ପାଠକମାନଙ୍କ ନିକଟରେ ବେଶ୍ ଜଣାଶୁଣା। ତାଙ୍କ ରଚିତ 'ଜୋଛନା', 'ରଜପର୍ବ', "ଭିନ୍ନଦୃଷ୍ଟି' କବିତା ସଂକଳନ ଏବଂ 'କସ୍ତୁରିକା' ( କାବ୍ୟନାଟିକା) ପ୍ରାଣକୃଷ୍ଣଙ୍କ କବିତ୍ୱର ନିଦର୍ଶନ ଦିଏ।

। ତାଙ୍କ ରଚିତ ଉପନ୍ୟାସଗୁଡିକ ହେଲା- 'ପ୍ରେମ', 'ପଲ୍ଲୀଜୀବନ', 'ହାତୀ କା ଦାନ୍ତ' ,' ସହଯାତ୍ରିଣୀ', 'ନୀଳକମଳ', 'ସାତଦ୍ୱୀପ'। ପ୍ରିୟନାଥ ମିଶ୍ର ,ମାଳିହତା, ଚାୟାଁପାଳ-ପ୍ରିୟନାଥଙ୍କ ରଚିତ ପୁସ୍ତକଗୁଡ଼ିକ ହେଲା- 'କବିତା ନନ୍ଦିନୀ', 'କବିତା ମଞ୍ଜୁଷା', 'କବିତା ସରଣୀ', 'କବିତା ତରଣୀ', 'ବିରହେ', 'ବିରହୀ ବିଳାପ', 'ଛାତ୍ରବନ୍ଧୁ', 'ପ୍ରିୟନାଥ ଗ୍ରନ୍ଥାବଳୀ', 'ବିଂଶ ଶତାବ୍ଦୀର ଦୁନିଆ' ଏବଂ 'ଭୂଦାନର ରହସ୍ୟ'। ବଂଶୀଧର ମିଶ୍ର (୨୩-୪-୧୯୩୨ ରୁ ୪-୬-୨୦୧୨), ଯଶୋରାଜପୁର – ବଂଶୀଧର ବୃତ୍ତିରେ ଥିଲେ ଜଣେ ଶିକ୍ଷକ। ଓଡ଼ିଆ, ସଂସ୍କୃତ ଏବଂ ଇଂରାଜୀ ଭାଷାରେ ଥିଲା ତାଙ୍କର ଅଗାଧ ପାଣ୍ଡିତ୍ୟ। ଏହି ତିନୋଟି ଭାଷାରେ ତାଙ୍କର କେତୋଟି କବିତା ଓ ପ୍ରବନ୍ଧ ସାମୟିକ ଭାବେ ପ୍ରକାଶ ପାଇଛି। କବିତାମାନଙ୍କ ମଧ୍ୟରେ 'ଟଙ୍କା ମାହାତ୍ମ୍ୟ 'ଓ 'ଜଳୌକା ମାହାତ୍ମ୍ୟ' ପ୍ରଧାନ। ଏତଦବ୍ୟତୀତ ତାଙ୍କର କିଛି କବିତା 'ନିର୍ବାଚିତ' କବିତା ନାମରେ ପାଣ୍ଡୁଲିପି ଆକାରରେ ଅଛି। ଏକମାତ୍ର ଇଂରାଜୀ ପୁସ୍ତକ 'Six Diamonds' ନାମରେ ପ୍ରକାଶ ପାଇଛି ୨୦୦୧ ମସିହାରେ। ଏଥିରେ 'Prahallad : A Great Devotee', 'King Dillip', 'Sabitri and Satyaban', 'Maharshi Balmikee', 'Gautam Buddha' ଏବଂ 'Shree Krishna and Sudama' ଶୀର୍ଷକରେ ଛ'ଟି ଗଳ୍ପ ଶିଶୁମାନଙ୍କ ଉଦ୍ଦେଶ୍ୟରେ ରଚିତ ହୋଇଛି। ଉଲ୍ଲେଖଯୋଗ୍ୟଯେ, ଏହି ପୁସ୍ତକଟି ଓଡ଼ିଶା ସରକାରଙ୍କ ଗଣ ଶିକ୍ଷା ବିଭାଗ ଦ୍ୱାରା ପ୍ରାଥମିକ ବିଦ୍ୟାଳୟ ପାଠାଗାର ନିମନ୍ତେ ମନୋନୀତ ହୋଇ ବିଦ୍ୟାଳୟମାନଙ୍କୁ ଯୋଗେଇ ଦିଆଯାଇଛି। । ବସନ୍ତ କିଶୋର ସାହୁ (୧୩-୫-୧୯୫୫), କୁସୁପୁର – ଶ୍ରୀଯୁକ୍ତ ସାହୁ ମୁଖ୍ୟତଃ ଜଣେ ଶିଶୁ ସାହିତ୍ୟିକ। ତାଙ୍କ ରଚିତ ଶିଶୁ ସାହିତ୍ୟ ମଧ୍ୟରେ 'ଫୁଲ ଆମେ ଫୁଲ', 'ଓଡ଼ିଆ ଶିଶୁ ସାହିତ୍ୟ ସମାଲୋଚନା', 'ସାଂପ୍ରତିକ ଶିଶୁ ସାହିତ୍ୟ ଓ ସାହିତ୍ୟିକ', 'କୋରାପୁଟ ପରିକ୍ରମା', 'ଏକ୍ ଟି ଚାନ୍ଦ, ଅନେକ ତାରା', ,'ଅଗଡ ବଗଡ ଝାଇଁକି ଝିମା', 'କାଳିଆ ବଳଦ ଗଲାରେ ଗଲା', 'ଉଦୁଉଦୁମା', 'ଗାଇ ଦିଅ ପଦେ ଗୀତ', 'ବିଲୁଆ ନନାର ବଣଭୋଜି', 'ଡ୍ରପ୍ସ ଅଫ୍ ନେକ୍ଟାର' ଇତ୍ୟାଦି ପ୍ରଧାନ। ସେ 'ଓଡ଼ିଆ ମୌଖିକ ଶିଶୁ ସାହିତ୍ୟ' ଉପରେ ଗବେଷଣା କରିଛନ୍ତି ଏବଂ ଏହାର ପୁସ୍ତକ ରୂପ ମଧ୍ୟ ପ୍ରକାଶ ପାଇଛି। ସେ 'ଓସ୍ତ ପତର ପାନିଆ' ଶିଶୁ ସାହିତ୍ୟ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ବିଜୟାନନ୍ଦ ସିଂହ( ୪-୩-୧୯୫୯), ଯଶୁଆପୁର – ଜଣେ ଗାଳ୍ପିକ ,ସମାଲୋଚକ ଏବଂ ଦକ୍ଷ ସଂଗଠକ ଭାବରେ ବିଜୟାନନ୍ଦ ସିଂହ ସୁପରିଚିତ। 'ଅନେକ ଦଂଶନ', 'ନିରବ ଆଳାପ' ,'ତଥାପି ଅପେକ୍ଷା କରାଯାଉ ', 'ଜୀବନ ଏକ ନଦୀ' ଇତ୍ୟାଦି ତାଙ୍କର ଗଳ୍ପ ସଂକଳନ। ଅନେକ ପୁସ୍ତକର ସମ୍ପାଦନା କରି ସେଗୁଡିକୁ ସେ ମହିମାନ୍ୱିତ କରିପାରିଛନ୍ତି। ତାଙ୍କ ସମ୍ପାଦିତ ପୁସ୍ତକଗୁଡିକ ମଧ୍ୟରେ 'ଆଚାର୍ଯ୍ୟ ପ୍ୟାରୀମୋହନ', 'କିଶୋରୀଚରଣ', 'ଅନନ୍ତ ପ୍ରସାଦ', 'ଜ୍ଞାନ ତପସ୍ୱୀ ବିନୋଦ କାନୁନ୍ ଗୋ, 'ମନସ୍ୱୀ ଗଦ୍ୟସ୍ରଷ୍ଟା ପ୍ୟାରୀମୋହନ', 'ସମ୍ପର୍କ ଓ ସମୀକ୍ଷା', 'ମୁଁ କାହିଁକି ଲେଖେ', 'ଶତାବ୍ଦୀର ଗଳ୍ପ ଶତକ', 'ଫତୁରାନନ୍ଦଙ୍କ ଦୁଷ୍ପ୍ରାପ୍ୟ ରଚନା ', 'କାଳିନ୍ଦୀ ଚରଣ ସମୀକ୍ଷାୟନ', 'ବୈକୁଣ୍ଠ ଚରଣ ପଟ୍ଟନାୟକ ଗ୍ରନ୍ଥାବଳୀ, 'ଆତ୍ମଜୀବନୀ ପ୍ରସଙ୍ଗ', 'ରାଜକିଶୋର ପଟ୍ଟନାୟକ', 'ଗଣକବି ବୈଷ୍ଣବପାଣି ଗ୍ରନ୍ଥାବଳୀ', 'ପଚାଶ ବର୍ଷର ଓଡ଼ିଆ ସାହିତ୍ୟ ', 'ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ', 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଗ୍ରନ୍ଥାବଳୀ', 'ରାଜକିଶୋର ପଟ୍ଟନାୟକ ଗ୍ରନ୍ଥାବଳୀ', 'ବୀଣାପାଣି ମହାନ୍ତିଙ୍କ ଶ୍ରେଷ୍ଠଗଳ୍ପ ', 'ସାହିତ୍ୟଗୁରୁ ବାଗ୍ମୀ ବିଶ୍ୱନାଥ କର', 'ଓଡ଼ିଆ ଭ୍ରମଣ କାହାଣୀ', 'ଓଡ଼ିଆ ହାସ୍ୟ ସାହିତ୍ୟ ', 'ସାରସ୍ୱତ ଚିତ୍ରଲିପି ', 'ଓଡ଼ିଆ କ୍ଲାସିକ : ଉପନ୍ୟାସ ', 'ସାରସ୍ୱତ ସାକ୍ଷାତକାର', 'ଫତୁରାନନ୍ଦଙ୍କ ଶ୍ରେଷ୍ଠ ହାସ୍ୟଗଳ୍ପ ', 'ଆଦି ନାଟ୍ୟକାର ଜଗନ୍ମୋହନ ଲାଲ', 'ଫତୁରାନନ୍ଦ ଚୟନିକା', 'ମହୀମଣ୍ଡଳ ଗୀତା, ' ଇତ୍ୟାଦି ପ୍ରଧାନ। 'ଫତୁରାନନ୍ଦଙ୍କ କାବ୍ୟ- ସାହିତ୍ୟରେ ହାସ୍ୟ ଓ ବ୍ୟଙ୍ଗ (୧୯୫୨-୮୨) ହେଉଛି ତାଙ୍କ ଗବେଷଣା ସନ୍ଦର୍ଭ। 'ଭିନ୍ନ ଭୂମି' ଏବଂ 'ସମୟ ଓ ସମାଲୋଚନା' ହେଉଛି ତାଙ୍କର ସମାଲୋଚନା ପୁସ୍ତକ । ଜଣେ ଅନୁବାଦକ ଭାବେ ସେ ଯୋସେଫ୍ କନ୍ ରାଡଙ୍କ ଉପନ୍ୟାସ 'Heart of Darkness' କୁ 'ତମସା ହୃଦୟ' ନାମରେ ଅନୁବାଦ କରିଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପି ଏଚ୍. ଡି. ଏବଂ ଡି. ଲିଟ୍ ଉପାଧି ପାଇଛନ୍ତି। ସେ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସାହିତ୍ୟ ସମାଜ ଇତ୍ୟାଦି ଅନୁଷ୍ଠାନ ସମେତ ଅନେକ ସାହିତ୍ୟିକ ସଂଗଠନ ସହିତ ଓତପ୍ରୋତ ଭାବେ ଜଡିତ। ସେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଓ ସଭାପତି ଭାବରେ କାର୍ଯ୍ୟ କରିଛନ୍ତି। ଏହା ସହିତ ସେ କେନ୍ଦ୍ର

ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପଦ ମଣ୍ଡନ କରିଛନ୍ତି । ବିକ୍ରମ କେଶରୀ ବର୍ମା ( ୨୫-୫-୧୯୪୦ରୁ ୫-୬-୨୦୨୧), ମଉଦା, - ଜଣେ ଶିକ୍ଷକ ନେତା, ରାଜନେତା ଓ ସାହିତ୍ୟିକ ଭାବରେ ବିକ୍ରମ ବର୍ମା ଜଣାଶୁଣା। ସେ ଶିକ୍ଷକ ସଂଘ ୟୁଟିଆର ରାଜ୍ୟ ସଭାପତି ଥିଲେ। ୧୯୯୦ ମସିହାରେ ରାଜ୍ୟ କୃଷକ ଦଳର ସଭାପତି ଓ ପରେ ବିହନ ନିଗମ, କାଜୁ ନିଗମର ଅଧ୍ୟକ୍ଷ ଏବଂ ୨୦୦୪ ମସିହାରେ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇଛନ୍ତି। କବିତା, ଗଳ୍ପ ଓ ଉପନ୍ୟାସ ଆଦି ରଚନାରେ ତାଙ୍କର ଲେଖନୀ ଥିଲା ଚଳଚଞ୍ଚଳ। ତାଙ୍କ ରଚିତ ପୁସ୍ତକଗୁଡିକ ହେଲା- 'ଆମ ବାଲିବାବୁ' (ଉପନ୍ୟାସ), 'ଦେବରାଜ ଇନ୍ଦ୍ର'( ଉପନ୍ୟାସ) 'ବିପ୍ଳବୀ ଶ୍ରୀକୃଷ୍ଣ', 'ସାହିତ୍ୟ ଓ ରାଜନୀତି', 'ରାବଣ', 'ମାନବବାଦର ଇସ୍ତାହାର', 'ପାରିଜାତର ମୃତ୍ୟୁ, 'ଫେରିଯାଅ ଅଗଷ୍ଟ ପନ୍ଦର' (କବିତା ସଞ୍ଚୟନ), 'ସାରଳା ଦାସଙ୍କୁ ପତ୍ର', 'ଇତିହାସର ସତ୍ୟ ଉଦ୍ ଘାଟନ', 'ଘାସଫୁଲ' (କାବ୍ୟ), 'କବିତା ନୁହେଁ ଏ ଗୀତା' (କବିତା ସଞ୍ଚୟନ),' ପାରିଜାତର ମୃତ୍ୟୁ' ( କାବ୍ୟ), 'ଅଦ୍ଭୁତ କଳାଭୃଙ୍ଗ' (କାବ୍ୟ) ଇତ୍ୟାଦି ରଚନା କରିବା ସହିତ 'ଯୁଗର ଆହ୍ୱାନ', 'କଳିଯୁଗ ଶେଷ' ପ୍ରଭୃତି ନାଟକ ରଚନା କରିଛନ୍ତି । ବୀରକିଶୋର ସ୍ୱାଇଁ (୧୦-୪- ୧୯୫୬), ବରାହୀପୁର, ଓଷଙ୍ଗ- ମୁଖ୍ୟତଃ ଜଣେ ବ୍ୟଙ୍ଗ ସାହିତ୍ୟିକ। ତାଙ୍କ ରଚନାଗୁଡିକ ମଧ୍ୟରେ 'ବକ୍ରଦୃଷ୍ଟି', 'କଟିବ୍ରହ୍ମ' ଏବଂ 'ଅପଣ୍ଡିତଙ୍କ ପାଣ୍ଡୁଲିପି' ପ୍ରଧାନ। ବିମ୍ବାଧର ବର୍ମା (୨୧-୮ ୧୯୦୧ରୁ ୨୩-୧୨ - ୧୯୫୩)- କୁସୁପୁର- ବିମ୍ବାଧରଙ୍କର 'ପଲ୍ଲୀବଧୂ', 'ଗୋଧୂଳି ରାଗିଣୀ ', 'ଧରା ସୂର୍ଯ୍ୟର ବିଦାୟ', ଅର୍ଦ୍ଧଶତ ବର୍ଷ ପରେ', 'ବାଲିରଥ', 'ଲାବଣ୍ୟବତୀ', 'ଦେବଦାସୀ', 'ସ୍ମୃତି ସୌରଭ', 'ଶୂନ୍ୟ ଓ ପୁଣ୍ୟ', 'ସାଧବଝିଅ', 'ନବବଧୂର ପ୍ରସାଧନ' 'ପ୍ରଣତି', 'ଶକୁନ୍ତଳା ', 'ମେଘଦୂତ', 'ମେଘ ଓ ମୟୂର', 'ଛାୟା ଚନ୍ଦ୍ରିକା', 'ମାତା ଓ କନ୍ୟା' ପ୍ରଭୃତି ଚିତ୍ରକଳା ଓଡ଼ିଆ ସ୍ଥାପତ୍ୟର ମନ୍ମୟ ଆଲେଖ୍ୟ। 'ପଲ୍ଲୀବଧୂ' ଚିତ୍ରଟି ତାଙ୍କର ସାର୍ଥକ ସୃଷ୍ଟି। ସେ 'ସଙ୍ଗୀତ କୃଷ୍ଣପ୍ରିୟା' ( ସଙ୍ଗୀତ ପୁସ୍ତକ) ଲେଖିବା ସହିତ 'ପତିପତ୍ନୀ' ନାମରେ ଉପନ୍ୟାସ ରଚନା କରିଛନ୍ତି। ଅନ୍ୟାନ୍ୟ ଉପନ୍ୟାସ ହେଉଛି 'ଅନ୍ନପୂର୍ଣ୍ଣା', 'ସଦାନନ୍ଦ' । ସେ 'ବବ୍ରୁବାହନ', 'ଧ୍ରୁବ', ପ୍ର ହ୍ଲାଦ', 'ଭାଗିରଥୀ' ଆଦି ପୌରାଣିକ ନାଟକ ମଧ୍ୟ ରଚନା କରିଥିଲେ। ତାଙ୍କ ପ୍ରବନ୍ଧମାନଙ୍କ ମଧ୍ୟରେ 'ମୋ ଜୀବନ ଉପରେ ରୂପର ପ୍ରଭାବ', 'ଶିଳ୍ପରେ ନଗ୍ନତା', 'ଚିତ୍ରଶିଳ୍ପୀର ଆଦର୍ଶ', 'ଚୈନିକ ଚିତ୍ରକଳା', 'ଶିଳ୍ପୀ, ଶିଳ୍ପ ଓ କଳା' ଇତ୍ୟାଦି ପ୍ରଧାନ। ବିଶ୍ୱନାଥ କର( ୨୪-୧୨-୧୮୬୪ ରୁ ୧୯-୧୦- ୧୯୩୪) , ମୂଳବସନ୍ତ – ନିଜର ଓଜସ୍ୱିନୀ ଓ ଅନର୍ଗଳ ଭାଷଣ ପାଇଁ ସେ ଓଡ଼ିଶାର ଘରେ ଘରେ ବାଗ୍ମୀ ବିଶ୍ୱନାଥ ଭାବରେ ସୁପରିଚିତ। ଉଭୟ ଓଡ଼ିଆ ଓ ବଙ୍ଗଳା ଭାଷାରେ ସେ ଅନର୍ଗଳ ବକ୍ତବ୍ୟ ରଖି ପାରନ୍ତି। ନିଜର ଅକାଟ୍ୟ ଯୁକ୍ତି ବଳରେ ସେ ପ୍ରତିପକ୍ଷଙ୍କୁ ଧରାଶାୟୀ କରିପାରନ୍ତି। ତାଙ୍କର ଏପରି ଆକ୍ରମଣାତ୍ମକ ବୌଦ୍ଧିକ ଉଗ୍ରତା ଦେଖି ତାଙ୍କୁ କେହି କେହି 'ଉଗ୍ର କ୍ଷତ୍ରିୟ' ବୋଲି କହିଥାନ୍ତି। ପୁଣି କେହି କେହି ମହାଭାରତର 'କଡକଚୁର' ବୋଲି ମଧ୍ୟ କହିଥାନ୍ତି। ନିଜର ବ୍ୟକ୍ତିତ୍ୱପାଇଁ ସେ ବିହାର-ଓଡ଼ିଶା ବ୍ୟବସ୍ଥା ସଭାର ସରକାରୀ ସଦସ୍ୟ ହେବା ସହିତ ରେଭେନ୍ସା ମହାବିଦ୍ୟାଳୟ,କଟକ ଟ୍ରେନିଂ କଲେଜ, ଇଞ୍ଜିନିଅରିଂ ସ୍କୁଲ୍, ପ୍ୟାରୀମୋହନ ଏକାଡେମୀ, ଡିଷ୍ଟ୍ରିକ୍ଟ ବୋର୍ଡ ଏବଂ କଟକ ମୁନିସିପାଲିଟି ଆଦି ଅନୁଷ୍ଠାନମାନଙ୍କର ପରିଚାଳନା କମିଟିର ସଦସ୍ୟ ହୋଇଛନ୍ତି। ସେ ପ୍ରସିଦ୍ଧ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ'ର ପ୍ରତିଷ୍ଠାତା। ଉଲ୍ଲେଖଯୋଗ୍ୟ ଯେ ଏହି ପତ୍ରିକାଟି ୧୮୯୭ ମସିହା ଜାନୁଆରୀ ମାସରେ ପ୍ରଥମେ ପ୍ରକାଶ ଲାଭ କରିଥିଲା ଏବଂ ବିଶ୍ୱନାଥ ଏହାକୁ ଦୀର୍ଘ ୩୮ବର୍ଷ ଧରି ସମ୍ପାଦନା କରିଥିଲେ। ଜଣେ ପ୍ରାବନ୍ଧିକ ଭାବରେ ସେ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ତାଙ୍କ ପ୍ରବନ୍ଧଗୁଡିକ ମଧ୍ୟରେ 'କଟକ ନର୍ମାଲ ସ୍କୁଲ୍ ', 'ଶରୀର ବ୍ରହ୍ମ ମନ୍ଦିର', 'ବ୍ରାହ୍ମଧର୍ମର ଅଭ୍ୟୁତ୍ ଥାନ ଓ ଦେଶ କାଳ ପାତ୍ର', 'ଭାଷାର ଅପବ୍ୟବହାର', 'ଅଦ୍ଭୁତ ଆତ୍ମୋତ୍ସର୍ଗ ',' ରାଜା ବୀରବର ଅମରସିଂହ ', 'ଜାତିଭେଦ', 'ପୁରାତନ', 'କବି ଉପେନ୍ଦ୍ରଭଞ୍ଜ', 'ସାହିତ୍ୟ ଚର୍ଚ୍ଚା ', 'ବାଇନାଚ ଓ ଗଭର୍ଣ୍ଣମେଣ୍ଟ', 'ଅନଧିକାର ଚର୍ଚ୍ଚା' ଇତ୍ୟାଦି ପ୍ରଧାନ। 'ସମ୍ବଲପୁର ହିତୈଇଷିଣୀ'ରେ ପ୍ରକାଶିତ ତାଙ୍କର କେତୋଟି ନିର୍ବାଚିତ ପ୍ରବନ୍ଧ 'ବିବିଧ ପ୍ରବନ୍ଧ' ପୁସ୍ତକରେ ସ୍ଥାନିତ। ସାହିତ୍ୟରେ ସେ ସର୍ବଦା ନୂତନତାକୁ ଗୁରୁତ୍ୱ ଦେଇଛନ୍ତି। 'ଉତ୍କଳ ସାହିତ୍ୟ' ନ ଥିଲେ ହୁଏତ ଫକୀରମୋହନ ସେନାପତି, ଗୋପାଳ ଚନ୍ଦ୍ର ପ୍ରହରାଜ, ନନ୍ଦକିଶୋର ବଳଙ୍କ ପରି କବି ଓ ଲେଖକମାନେ ନିଜକୁ ପ୍ରତିଷ୍ଠା କରି ପାରିଥାନ୍ତେ କି ନାହିଁ ସନ୍ଦେହ। ସେହିପରି ସବୁଜ ଗୋଷ୍ଠୀର ସାହିତ୍ୟିକମାନଙ୍କୁ 'ଉତ୍କଳ ସାହିତ୍ୟ' ହିଁ ସୃଷ୍ଟି କରିଥିଲା। ଜଣେ ପତ୍ରିକା ସମ୍ପାଦକ କିପରି ପତ୍ରିକା ସମ୍ପାଦନା କରିବା ଉଚିତ, ତା'ର ଏକ ଛାପ ସେ ଛାଡି

ଦେଇଛନ୍ତି। ବୈରାଗୀ ମିଶ୍ର(୧୭-୧୨-୧୮୮୫ ରୁ ୧୨-୨-୧୯୬୬), ମୂଳବସନ୍ତ – ଜଣେ ସମାଜ ସଂସ୍କାରକ ଭାବରେ ବୈରାଗୀ ମିଶ୍ର ସାରା ଓଡ଼ିଶାରେ ପ୍ରସିଦ୍ଧ। ଓଡ଼ିଶାରେ ବିଧବା ବିବାହର ପ୍ରଚଳକ ଥିଲେ ସେ। ତତ୍କାଳୀନ ସମାଜରେ ବାଲ୍ୟବିବାହ ପ୍ରଥାର ପ୍ରଚଳନ ଥିଲା। ଅନେକ ଝିଅ ସ୍ୱାମୀ ମୁହଁ ଦେଖିବା ପୂର୍ବରୁ ବିଧବା ହେଉଥିଲେ। ଏଭଳି ବୈଧବ୍ୟ ବରଣ କରିଥିବା ଝିଅଙ୍କୁ ସେ 'ବିଧବା' ନ କହି 'ବିବରା' କହୁଥିଲେ। ନିଜ ବଡ ଝିଅକୁ ସେ ବିନା ଭୋଜି ଓ ଯୌତୁକରେ ବିବାହ ଦେଇଥିଲେ। ସେହିପରି ସମାଜ ବ୍ୟବସ୍ଥା ବିରୋଧରେ ଯାଇ ସାନ ଝିଅ ବୟଃପ୍ରାପ୍ତା ହେବାପରେ ତାକୁ ବିବାହ ଦେଇଛନ୍ତି। ଏପରିକି ଦୁଇଜଣ ପୁଅଙ୍କୁ ସେ 'ବିବରା' କନ୍ୟାଙ୍କ ସହିତ ବିବାହ ଦେଇଛନ୍ତି। ସେ ୪୦ଟି ପାଖାପାଖି ପୁସ୍ତକର ରଚୟିତା। ତାଙ୍କର ଆତ୍ମଜୀବନୀ ହେଉଛି 'ସ୍ୱଭାବ ନିୟତ ଜୀବନ ଯୁଦ୍ଧ'। ତାଙ୍କ ପୁସ୍ତକମାନଙ୍କ ମଧ୍ୟରେ 'ସୁଖାନ୍ୱେଷଣ' ହେଉଛି ପ୍ରଥମ ପ୍ରକାଶିତ ପୁସ୍ତକ। ତାଙ୍କର ଅନ୍ୟାନ୍ୟ ରଚନା ମଧ୍ୟରେ 'ସତ୍ୟାନୁସନ୍ଧାନ', 'ସ୍ୱଧର୍ମ', 'ଧର୍ମ' ,'ଭଗବାନ ଓ ଭବିଷ୍ୟତ', 'ବ୍ୟକ୍ତି ଓ ସମାଜ', 'ନୀତିବାକ୍ୟ', 'ବିଶ୍ୱକଲ୍ୟାଣ', 'ନାରୀ ମଙ୍ଗଳ', 'ବିଧବା ବିବାହ', 'ବିବରା ବିବାହ', 'ବିବାହ', 'ଆଦର୍ଶ ବିବାହ', 'ଅପ୍ରକୃତ ବିଧବାର ପ୍ରକୃତ ବିଧବା ବିବାହ', ଅନ୍ଧନୁସରଣ ଓ ବୃଥାଡମ୍ବର ', 'ଜ୍ୟୋତିଷ', 'ଫଳିତ ଜ୍ୟୋତିଷ ଓ ମିଥ୍ୟାପ୍ରଚାର' ଇତ୍ୟାଦି ପ୍ରଧାନ । ସେ 'ନାରୀ ମଙ୍ଗଳ ସମିତି 'ଗଠନ କରି ଅନେକ ବିବରାମାନଙ୍କର ବିବାହ କରାଇଛନ୍ତି ଏବଂ 'ବିଶ୍ୱ କଲ୍ୟାଣ ସମିତି' ଗଠନ କରି ଗୀତା ଧର୍ମର ସଂସ୍ଥାପନ ନିମିତ୍ତେ ପ୍ରୟାସ କରିଛନ୍ତି ଓ ଏଥିପାଇଁ 'ବିଶ୍ୱ କଲ୍ୟାଣ' ନାମରେ ଏକ ତ୍ରୈମାସିକ ପତ୍ରିକା ପ୍ରକାଶ କରିଛନ୍ତି। ବୈଷ୍ଣବ ପାଣି ( ୨୭-୧୦-୧୮୮୭ ରୁ ୧୦-୫- ୧୯୫୬), କୋଠପଦା- ଓଡ଼ିଶାରେ 'ଗଣକବି 'ଭାବରେ ଆଖ୍ୟାୟିତ ବୈଷ୍ଣବ ପାଣି ବହୁ ଗୀତିନାଟ୍ୟ, ଗୀତାଭିନୟ, ସୁଆଙ୍ଗ ଓ ପ୍ରହସନର ସ୍ରଷ୍ଟା। ଏଗୁଡ଼ିକ ମଧ୍ୟରେ 'ମେଘନାଦ ବଧ', 'ଦକ୍ଷଯଜ୍ଞ', 'ଦାନବୀର ହରିଶ୍ଚନ୍ଦ୍ର', 'ନିଶାଦର ହରିପଦ ଲାଭ', 'ଭକ୍ତବୀର ସୁଧନ୍ୱା', 'ଭକ୍ତ ସୁଦମା', 'ରଙ୍ଗସଭା', 'ନଳ ଦମୟନ୍ତୀ', 'ବ୍ରଜଲୀଳା', 'କଳା ପାହାଡ', 'ଧ୍ରୁବ ଚରିତ', 'କୀଚକ ବଧ', 'ଗଙ୍ଗେଶ୍ୱରଦେବ', 'ଶ୍ୱେତ ବସନ୍ତ', 'ପ୍ରଭାସ ଯଜ୍ଞ', 'ସଞ୍ଜୁକ୍ତା', 'ଯଯାତିକେଶରୀ', 'ଶକୁନ୍ତଳା', 'ମହୀରାବଣ ବଧ', 'ପ୍ରହ୍ଲାଦ ଚରିତ', 'ରାବଣ ବଧ', 'ସୀତା ବନବାସ', 'ଅଭିମନ୍ୟୁ ବଧ', 'ବିଲ୍ୱମଙ୍ଗଳ', ,'ପ୍ରଭାତ ମିଳନ', 'କାଞ୍ଚିକାବେରୀ ', 'ସୁଶୀଳ ମାଳତୀ', 'ଶ୍ୱେତ ବସନ୍ତ', 'କର୍ଣ୍ଣବଧ' ଇତ୍ୟାଦି ପ୍ରଧାନ। 'ମେଘନାଦ ବଧ' ହେଉଛି ତାଙ୍କର ପ୍ରଥମ ରଚନା। ତାଙ୍କର ଆତ୍ମଜୀବନୀ 'ପାଣିକବିଙ୍କ ଆତ୍ମକାହାଣୀ' ମଧ୍ୟ ପ୍ରକାଶିତ ହୋଇଛି। ଏତଦ ବ୍ୟତୀତ ସେ 'ଶକୁନ୍ତଳା', 'ଛାନ୍ଦ କିଶୋରୀ ବିଳାପ' ପ୍ରଭୃତି କାବ୍ୟ ସହିତ ଅନେକ ଚଉତିଶା, ଭଜନ, ଜଣାଣ ଇତ୍ୟାଦି ଲେଖିଯାଇଛନ୍ତି। 'ଦୁଃଖିନୀ ଗୋବର ଗୋଟେଇ' ତାଙ୍କର ଏକ ମାତ୍ର ଉପନ୍ୟାସ। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲେଖା ଲେଖି ସେ ଓଡ଼ିଆ ଯାତ୍ରା ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ବ୍ରଜ ମହାନ୍ତି (୧୨-୧-୧୯୩୬), ଚାହାପଡା,ମାହାଙ୍ଗା – ବ୍ରଜ ମହାନ୍ତିଙ୍କ ରଚିତ ପୁସ୍ତକଗୁଡିକ ହେଲା- 'ଏଇ ତ ସମାଜ', 'ସୀମା', 'ସେ ନର୍ସଟି କିଏ ', 'ଗରମ ଚଦର', 'ଦଗ୍ଧ ଜୀବନ', 'ଦୂରନ୍ତ ପଟୁଆର'। ଭବାନୀଶଙ୍କର ମିଶ୍ର (୨୦- ୭-୬୫), ଯଶୋରାଜପୁର - ଭବାନୀଶଙ୍କର ଓଡ଼ିଆ ଭାଷା ଓ ସାହିତ୍ୟ ଏବଂ ଶିକ୍ଷା ବିଜ୍ଞାନର ଅଧ୍ୟାପକ ଭାବରେ କିଛିଦିନ ଅଧ୍ୟାପନା କଲାପରେ ଅଧୁନା ନିଜକୁ ସମାଜ ସେବାରେ ନିୟୋଜିତ କରିଛନ୍ତି। ଏ ଯାବତ୍ ତାଙ୍କର ୧୫ଟି ପୁସ୍ତକ ପ୍ରକାଶିତ ହୋଇଛି। ସେଗୁଡ଼ିକ ହେଲା- 'ବାଣିଜ୍ୟିକ ପତ୍ରାବଳୀ', 'ଏଇ ଆମ କମ୍ପ୍ୟୁଟର', 'ଓଡ଼ିଶା ସାଧାରଣ ଜ୍ଞାନ ', 'ଛବିଳ ସାଧାରଣ ଜ୍ଞାନ ', 'ଛବିଳ ମାତ୍ରା ଓ ଫଳା ଶିକ୍ଷା', 'ଏପରି କାହିଁକି ହୁଏ', 'ଦେଶ ଭକ୍ତ ଲକ୍ଷ୍ମଣ ନାୟକ', 'ଦେଶପ୍ରେମୀ ବିର୍ସାମୁଣ୍ଡା', 'ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା', 'ବିଶ୍ୱର ତ୍ରିରତ୍ନ' ( ସାମୁଏଲ୍ ହ୍ୟାନିମ୍ୟାନ୍, ହେନେରି ଡୁନାଣ୍ଟ ଏବଂ ଲର୍ଡ ବାଡେନ୍ ପାୱେଲ୍ ଙ୍କ ଜୀବନୀ ସମ୍ବନ୍ଧୀୟ ), 'ମହାକାଶ ଯାତ୍ରା ଓ କଳ୍ପନା ଚାୱଲା', 'ସହଜ ବୈଷୟିକ ଶିକ୍ଷା ପ୍ରବେଶ', " Learn with Fun', 'A Guide to my Career' ( ଛାତ୍ରଛାତ୍ରୀମାନଙ୍କୁ ଦିଗ୍ ଦର୍ଶନ ଦେବା ପାଇଁ ଏହି ପୁସ୍ତକର ପରିକଳ୍ପନା ଓଡ଼ିଶାରେ ସର୍ବପ୍ରଥମ ) ଏବଂ 'ତେର ସତା ଅଠେଇଶ' (ରମ୍ୟରଚନା)। ଭାବଗ୍ରାହୀ ମିଶ୍ର, ( ୨୮-୧୨-୧୯୩୪) ମଉଦା- ଭାବଗ୍ରାହୀ କେବଳ ଜଣେ ଅଧ୍ୟାପକ ଭାବରେ ନୁହନ୍ତି; ଗାନ୍ଧିବାଦର ଜଣେ ପ୍ରଖ୍ୟାତ ପ୍ରବକ୍ତା ଭାବରେ ସେ ବେଶ୍ ଜଣାଶୁଣା। ଅଧ୍ୟାପନା କରୁଥିବା ସମୟରେ ସେ ଆମେରିକାର ଇଣ୍ଡିଆନା ବିଶ୍ୱବିଦ୍ୟାଳୟରୁ ଫେଲୋସିପ ପାଇ ବିଶିଷ୍ଟ ଲୋକତତ୍ତ୍ୱବିତ୍ ଡକ୍ଟର ରିଚାର୍ଡ ଡରସନ୍ ଙ୍କ ତତ୍ତ୍ୱାବଧାନରେ ଗବେଷଣା କରିଛନ୍ତି। ତାଙ୍କର

ଗବେଷଣାର ବିଷୟବସ୍ତୁ ଥିଲା ଭେରିଅର ଏଲୱିନଙ୍କ ସମ୍ପର୍କରେ। ତାଙ୍କର ଏହି ଗବେଷଣା ନିବନ୍ଧଟି 'ଭେରିଅର ଏଲୱିନ, ଏ ପାଓନିଅର ଇଣ୍ଡିଆନ ଆନଥ୍ରୋପଲୋଜିଷ୍ଟ 'ନାମରେ ପୁସ୍ତକାକାରରେ ପ୍ରକାଶିତ। ସେ ଭୁବନେଶ୍ୱରରେ ଆଚାର୍ଯ୍ୟ ହରିହର ଏଜୁକେସନାଲ ସୋସାଇଟି, ଫୋକଲୋର ଏକାଡେମୀ ପ୍ରତିଷ୍ଠା କରିଛନ୍ତି। ତାଙ୍କର ସାହିତ୍ୟକୃତି 'ଆଚାର୍ଯ୍ୟ ଭାବାନନ୍ଦ ରଚନାବଳୀ' ( ୩ଟିଖଣ୍ଡ) ରେ ପ୍ରକାଶିତ। ତାଙ୍କ ରଚିତ ସମାଲୋଚନା ପୁସ୍ତକ ମଧ୍ୟରେ 'ସାହିତ୍ୟ ମୀମାଂସା', 'ସାହିତ୍ୟ ଦୃଷ୍ଟି', 'ପଲ୍ଲୀକବି ପରିଚୟ' ପ୍ରଧାନ। ପ୍ରବନ୍ଧ ରଚନା ଗୁଡିକ ହେଲା- 'ଓଃ ରାଜନୀତି', 'ରାଜନୀତି ବ୍ୟକ୍ତି ଓ ସଂସ୍କୃତି', 'ଆମ ଶାସନ ଆମ ସମାଜ', 'ଗଣତନ୍ତ୍ର : ମୋ ଦୃଷ୍ଟିରେ 'ଇତ୍ୟାଦି ପ୍ରଧାନ। । 'ରବୀନ୍ଦ୍ର ଜୀବନ କଥା' ଏବଂ 'ସନ୍ଧ୍ୟା ବର୍ଣ୍ଣନା' ତାଙ୍କର ଦୁଇଟି ଅନୂଦିତ ପୁସ୍ତକ। ପତ୍ନୀ ଶାନ୍ତିଲତା ଏବଂ ତାଙ୍କ ମିଳିତ ଉଦ୍ୟମରେ ରଚିତ ହୋଇଛି 'ଅଳଙ୍କାର ଶାସ୍ତ୍ର ପରିଚିତି' ଗ୍ରନ୍ଥ। ସେହିପରି 'ଜିନିଆ ଓ ଜହ୍ନିଫୁଲ' ପତ୍ନୀଙ୍କ ସହିତ ମିଶି ସେ ରଚନା କରିଛନ୍ତି। 'ମୁଁ', 'ପ୍ରବୃତ୍ତିର ଅନ୍ୟନାମ ଜୀବନ' ତାଙ୍କ ରଚିତ ରମ୍ୟରଚନା। ସେ 'ଅର୍ଥ ଶକ୍ତି କବଳରୁ ଗଣତନ୍ତ୍ରକୁ ବଞ୍ଚାଅ' ପୁସ୍ତକର ସମ୍ପାଦନା କରିଛନ୍ତି। ଏତଦ୍ ବ୍ୟତୀତ ସେ 'ମାଇଁ ମାଇଣ୍ଡ ଆଟ୍ ୱାର୍କ', 'ରାଣ୍ଡମ୍ ଥଟ୍ସ୍', 'କଲଚୁରାଲ୍ ପରଫର୍ମାନସେସ ', 'ଏ ରିବେଲ୍ ସ୍ୱିଙ୍ଗ' ୪ଟି ପୁସ୍ତକ ଇଂରାଜୀରେ ଲେଖିଛନ୍ତି। ୧୯୯୫ ମସିହାରେ ସର୍ବୋଦୟ ଦଳରେ ଯୋଗଦେବା ପରେ ସେ 'ଆଚାର୍ଯ୍ୟ ଭାବାନନ୍ଦ' ଭାବରେ ପରିଚିତ । ଭୁବନାନନ୍ଦ ସାହୁ ( ୧୫-୨- ୧୯୫୬) , ଶିପୁରା,- ଗଳ୍ପଗ୍ରନ୍ଥ- 'ନିଃଶବ୍ଦ ଅଭିସାର', 'ମୃତ୍ୟୁର ମାନଚିତ୍ର', ସମ୍ପାଦନା – 'ଏକବିଂଶ ଶତାବ୍ଦୀର କବିତା' , 'ସମାଲୋଚନା ସନ୍ଦର୍ଭ', 'ସମାଲୋଚନା କତିପୟ' ,। ମନୋଜ ପଣ୍ଡା ( ୨-୧୦-୧୯୬୫) , ଜଳେଶ୍ୱରପୁର- ମୁଖ୍ୟତଃ ଜଣେ ନାଟ୍ୟକାର। ତାଙ୍କର ଅନେକ ନାଟକ ମଞ୍ଚସ୍ଥ ହୋଇଛି। ସେଥି ମଧ୍ୟରୁ 'ସେଇ ବଇଁଶୀ ସେଇ ସ୍ୱର', 'ନଦୀରେ ଉଠିଛି ତିନୋଟି ଢେଉ', 'ମୁଁ ତୁଳସୀ ତୁମ ଅଗଣାରେ', 'ମା' ମନ୍ଦିର ମସଜିଦ୍ ', 'ରାତିକି ଆସିବେ ନାଗର ମୋର', 'ମଙ୍ଗଳ ରାତି ବୁଧ ପାହାନ୍ତି', 'କୁନି ପିନ୍ଧିଛି ଘାଗରା ସାଇରେ ବାଜୁଛି ନାଗରା' ଇତ୍ୟାଦି ପ୍ରଧାନ । ମହାଦେବ ମହାନ୍ତି (୩୧-୧-୧୯୩୧) , ଧାରପୁର, - ମହାଦେବ ମୁଖ୍ୟତଃ ଜଣେ ନାଟ୍ୟକାର। ତାଙ୍କ ନାଟକଗୁଡିକ ମଧ୍ୟରେ 'ମତ୍ତ ବଳରାମ ଦାସ', 'ସନ୍ଥ ଅଚ୍ୟୁତ', 'ସାତ ଲହଡିର ସାଆନ୍ତ' (ଜଗନ୍ନାଥ ଦାସ),' ସନ୍ଥ ଯଶୋବନ୍ତ', 'ଶିଶୁ ଅନନ୍ତ' ଓ 'ଭକ୍ତ ସାଲବେଗ', 'ସନ୍ଥ ହାଡିଦାସ' ଇତ୍ୟାଦି ପ୍ରଧାନ। ଏତଦ୍ ବ୍ୟତୀତ ସେ 'ମାହାଙ୍ଗାର ଇତିହାସ' ଓ 'ଶ୍ରୀ ରାଧାକାନ୍ତ ମନ୍ଦିର' ସମ୍ପର୍କରେ ଆଲୋଚନା କରିଛନ୍ତି। 'ଅତୀତର ଛିନ୍ନପୃଷ୍ଠା' ହେଉଛି ତାଙ୍କର ଆତ୍ମଜୀବନୀ। ମାଧବ ଚନ୍ଦ୍ର ପଣ୍ଡା ( ୨୫-୫-୧୯୫୦), ନୃତାଙ୍ଗ – ତାଙ୍କ ପ୍ରକାଶିତ ପୁସ୍ତକ ହେଲା - 'ସଭ୍ୟତାର ଢେଉ' ଏବଂ 'ଜନମ ଯେଉଁଠି ମରଣ ଛୁଏଁ '। ମୌଲବୀ ଶେଖ ହାମିଦୁଲ୍ଲା, (୧୯୧୩) କୁମୁଡା ଜଇପୁର - ସେ ଚାରିଟି ପୁସ୍ତକର ରଚୟିତା। ତାଙ୍କ ରଚିତ ପୁସ୍ତକଗୁଡିକ ହେଲା – 'ନମାଜ', 'ମହାପୁରୁଷ ମହମ୍ମଦ', 'ଆଦର୍ଶ ଜୀବନ' ଏବଂ 'ଶ୍ରେଷ୍ଠ ଗଳ୍ପ'। 'ନମାଜ' ଏବଂ 'ମହାପୁରୁଷ ମହମ୍ମଦ' ପଦ୍ୟାକାରରେ ରଚିତ। ରଜତ କୁମାର କର (୨-୧୦-୧୯୩୪) , ଚାୟାଁପାଳ- ଜଣେ ଶିକ୍ଷାବିତ୍, ନାଟ୍ୟକାର, ଅଭିନେତା, ସୁବକ୍ତା, 'କଳିଙ୍ଗ ଭାରତୀ' ଅନୁଷ୍ଠାନର ସକ୍ରିୟ ସଭ୍ୟ ଭାବରେ ସେ କାର୍ଯ୍ୟ କରିଆସିଛନ୍ତି। । ବିଶେଷକରି ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ପ୍ରଚାର ଓ ପ୍ରସାର ସାଙ୍ଗକୁ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଖ୍ୟାପନ ତାଙ୍କୁ ଓଡ଼ିଶାର ଘରେ ଘରେ ପରିଚିତ କରାଇଛି। ରଥଯାତ୍ରା ସମୟରେ ସେ ଘୋଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ଶ୍ରୀ ଜଗନ୍ନାଥଙ୍କ ତତ୍ତ୍ୱ ଓ ଦର୍ଶନକୁ ଯେଉଁଭଳି ଆକର୍ଷଣୀୟ ଭାବରେ ଉପସ୍ଥାପନ କରନ୍ତି, ତାହା ଲକ୍ଷ ଲକ୍ଷ ଭକ୍ତଙ୍କର ହୃଦୟସ୍ପର୍ଶୀ ହୋଇଥାଏ। ଅର୍ଥନୀତି ବିଭାଗର ଅଧ୍ୟାପକ ଭାବରେ ସେ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପନା କରି ଚାକିରିର ଶେଷ ସମୟରେ SCERTର ନିର୍ଦ୍ଦେଶକ ପଦ ମଣ୍ଡନ କରିଛନ୍ତି । ଶ୍ରୀଯୁକ୍ତ କର ମୁଖ୍ୟତଃ ଜଣେ ନାଟ୍ୟକାର। ତାଙ୍କ ନାଟକଗୁଡିକ ମଧ୍ୟରେ 'ବିପ୍ଳବୀ ଚନ୍ଦନ ହଜୁରୀ', 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ', 'ସୁରେନ୍ଦ୍ର ସାଏ' ଇତ୍ୟାଦି ଚରିତ-ନାଟକ , 'ବାଇଶି ପାହାଚ', 'ଅନ୍ଧ ପୁଚୁଳି', 'ସଳିତା' ଆଦି ପେସାଦାର ନାଟକ ଏବଂ "ମଥୁରା ବିଜୟ', 'ଚିତୋର ଅଭିଯାନ', 'ଅଚଳ ଟଙ୍କା', 'କଦଳୀ ଓ ବଦଳି' ଆଦି ବେତାର ନାଟକ ପ୍ରଧାନ। ଓଡ଼ିଆ ନାଟ୍ୟ ସାହିତ୍ୟକୁ ତାଙ୍କର ବିଶେଷ ଅବଦାନ ପାଇଁ ତାଙ୍କୁ ୧୯୯୪ ମସିହାରେ ଓଡ଼ିଶା ସଙ୍ଗୀତ ଏକାଡେମୀ ଦ୍ୱାରା ପୁରସ୍କୃତ କରଯାଇଥିଲା। ନିଜର ଅସାଧାରଣ କୃତିତ୍ୱ ପାଇଁ ତାଙ୍କୁ ଭାରତ ସରକାର ୨୦୨୧ ମସିହାରେ 'ପଦ୍ମଶ୍ରୀ' ଉପାଧିରେ ଭୂଷିତ କରିଛନ୍ତି। ରତ୍ନାକର କର (1903)-

ଗୁଣୁପୁର-; 'ବିରୂପା' ନାମରେ ଏକ କାବ୍ୟ ରଚନା କରିଥିଲେ। ରମାକାନ୍ତ ମିଶ୍ର ( ୨୧-୬-୧୯୫୬), ମଉଦା- ରମାକାନ୍ତ ବୃତ୍ତିରେ ଇଂରାଜୀ ଭାଷା ଓ ସାହିତ୍ୟର ଅଧ୍ୟାପକ। ତାଙ୍କର ଦୁଇଖଣ୍ଡି ବହି ପ୍ରକାଶ ପାଇଛି। ସେଗୁଡ଼ିକ ହେଲା- 'ଷଣ୍ଢକବି ଉବାଚ' ଏବଂ 'ମାଟିର କବିତା ଗଢେ '। ଏତଦ୍ ବ୍ୟତୀତ ସେ ସେକ୍ସପିଅରଙ୍କ 'ମ୍ୟାକ୍ ବେଥ' କୁ ଓଡ଼ିଆରେ ଅନୁବାଦ କରିଛନ୍ତି। ସେ କେତେଗୁଡିଏ ନାଟକ ରଚନା କରିଛନ୍ତି, ଯାହା ମଞ୍ଚରେ ଅଭିନୀତ ହୋଇଛି, ମାତ୍ର ପୁସ୍ତକାକାରରେ ପ୍ରକାଶିତ ହୋଇ ପାରିନାହିଁ। ସେଗୁଡ଼ିକ ହେଲା- ଚନ୍ଦ୍ରସୂର୍ଯ୍ୟ, ନାମବ୍ରହ୍ମ, ଯନ୍ତ୍ର ଇତ୍ୟାଦି। ରାଜେନ୍ଦ୍ର ବର୍ମା (୧୯୦୬ରୁ ୨୫-୧-୧୯୮୬), କୁସୁପୁର – ଶିଶୁ ସାହିତ୍ୟ ପତ୍ରିକା 'ଫୁଲଝରୀ' ର ସମ୍ପାଦନା କରିଥିଲେ। ତାଙ୍କ କୃତିଗୁଡ଼ିକ ମଧ୍ୟରେ 'ସପ୍ତସିନ୍ଧୁ ବିଜୟୀ ମିହିର ସେନ', 'ନେତାଜୀ ସୁଭାଷ ଚନ୍ଦ୍ର', 'ବୀରମାଳା', 'କଥାକାହାଣୀର ଗନ୍ତାଘର', 'ବଡ ମଣିଷଙ୍କ ପିଲାଦିନ', 'ବିପ୍ଳବିନୀ ଚନ୍ଦ୍ରା', 'ନୀଳକୋଠିର ରାହାଜାନି', 'ମୋଗଲ ହାରେମ', 'ଚମ୍ବଲ ଉପତ୍ୟକାର ଦସ୍ୟୁ', 'ବାପୁ ବିଭୂତି' ଇତ୍ୟାଦି ପ୍ରଧାନ। ରାମପ୍ରସାଦ ସିଂ ( ୪-୪-୧୯୦୪ ରୁ ୧୯୮୫) , ଶିପୁରା – ଜଣେ ସାମ୍ବାଦିକ, କଥାକାର, ପ୍ରାବନ୍ଧିକ, ଆଭିଧାନିକ ଏବଂ ସ୍ତମ୍ଭକାର ଭାବରେ ସେ ନିଜର ଛାପ ଛାଡି ଦେଇ ଯାଇଛନ୍ତି। ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ବହୁବାର କାରାବରଣ କରିଛନ୍ତି। ରଣପୁରରେ ସଂଘଟିତ ହୋଇଥିବା ବେଜେଲଗେଟ ହତ୍ୟାକାଣ୍ଡର ସେ ଥିଲେ ଅନ୍ୟତମ ସୂତ୍ରଧର। ସେ ୩୦ରୁ ଊର୍ଦ୍ଧ୍ୱଉପନ୍ୟାସ ରଚନା କରିଛନ୍ତି। ହଜାରିବାଗ ଜେଲ୍ ରେ ଥିବାବେଳେ ସେ ରଚନା କରିଛନ୍ତି 'ପ୍ରତିହିଂସା' ଉପନ୍ୟାସ । ତାଙ୍କର ଅନ୍ୟାନ୍ୟ ଉପନ୍ୟାସ ମଧ୍ୟରେ 'ପୂଜାର ବଳି', 'ହୋମଶିଖା', 'ଛିନ୍ନମସ୍ତା', 'ମରୁର ସାଥୀ', 'ସମାପ୍ତି', 'ଅଗ୍ନିପଥେ', 'ଯୁଗାନ୍ତର', 'ସ୍ୱରାଜ୍ୟ', 'ମରୀଚିକା', 'ପୂର୍ବରାଗ' ,' ସନ୍ଧ୍ୟାଦୀପ' ଇତ୍ୟାଦି ପ୍ରଧାନ। ଉଲ୍ଲେଖ ଯୋଗ୍ୟ ଯେ 'ପୂଜାର ବଳି 'ହେଉଛି ଓଡ଼ିଆ ସାହିତ୍ୟର ପ୍ରଥମ ରାଜନୀତିକ ଉପନ୍ୟାସ। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଶତାଧିକ ପ୍ରବନ୍ଧ ପ୍ରକାଶିତ ହୋଇଥିଲେ ମଧ୍ୟ ସେଗୁଡିକୁ ସଂକଳିତ କରାଯାଇ ପାରିନାହିଁ। ସେ ଶତାଧିକ ଗଳ୍ପ ଲେଖିଥିଲେ ମଧ୍ୟ 'କଲ୍ଲୋଳ 'ହେଉଛି ତାଙ୍କର ଏକମାତ୍ର ଗଳ୍ପଗ୍ରନ୍ଥ। ଶ୍ରୀକୃଷ୍ଣଙ୍କ ଜୀବନୀକୁ ନେଇ ସେ 'ଶ୍ରୀକୃଷ୍ଣ' ରଚନା କରିଛନ୍ତି। ସେ 'ଷ୍ଟାର ଅଫ୍ ଉତ୍କଳ' ଓ ନିଉ ଓରିଶା' ରେ ଅନେକ ଲେଖା ଇଂରାଜୀରେ ଲେଖିଛନ୍ତି। 'ଇଂରାଜୀ ପୁସ୍ତକ 'The Black Pagoda Konark' ସେ ରଚନା କରିଥିଲେ। ତାଙ୍କର ଆତ୍ମଜୀବନୀ ହେଉଛି 'ଶତାବ୍ଦୀର ପଦଧ୍ୱନି'। ଏତଦ୍ ବ୍ୟତୀତ ସେ ଓଡ଼ିଆ-ଇଂରାଜୀ ଅଭିଧାନ' ମଧ୍ୟ ସଂକଳନ କରିଛନ୍ତି। ତାଙ୍କର ଅନେକ ଲେଖା 'ମୁସାଫିର', 'ମୁଲେକ୍ ପୀର' ଛଦ୍ମନାମରେ ପ୍ରକାଶ ପାଇଛି। ଶରତ କୁମାର କର (୫-୯-୧୯୩୯ ରୁ ୧୨-୧୦-୨୦୨୦), ଚାୟାଁପାଳ- ୧୯୬୨ ମସିହାରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ୱର୍ଣ୍ଣ ପଦକ ଲାଭ ଓ ଅଧ୍ୟାପନା। ପରେ ଚାକିରିରୁ ଇସ୍ତଫା ଦେଇ ୧୯୬୭ ମସିହାରେ ରାଜନୀତିରେ ଯୋଗଦାନ। ଜଣେ ରାଜନେତା ସହିତ ଜଣେ ସାହିତ୍ୟିକ। ୧୯୭୭ ମସିହାରେ କଟକ ଲୋକସଭା ଆସନରୁ ଜିତି ସାଂସଦ ହୋଇଥିଲେ। ୧୯୭୧, ୧୯୯୦ ଏବଂ ୨୦୦୦ ମସିହାରେ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଜିତି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଛନ୍ତି। ୨୦୦୦ ମସିହାରେ ସେ ଓଡ଼ିଶା ବିଧାନସଭାର ବାଚସ୍ପତି ହୋଇଛନ୍ତି। ତାଙ୍କ କବିତା ସଂକଳନଗୁଡିକ ହେଲା- 'ଦ୍ରୁତ ବିଳମ୍ବିତ', 'ମନ୍ଥନ', 'ରୋମନ୍ଥନ' ଏବଂ 'ଅନନ୍ୟ'। ତାଙ୍କ ରଚିତ ଗଳ୍ପ ସଂକଳନ ହେଉଛି 'ସହସ୍ରଧାର'। ଶେଖ ମତଲୁବ ଅଲ୍ଲୀ, ( ୧୬-୧୨-୧୯୪୨ ରୁ ୨୪-୯-୨୦୨୦) , ଧାରୋ ଶ୍ୟାମସୁନ୍ଦରପୁର- କେବଳ ଜଣେ ରାଜନେତା ନୁହନ୍ତି, ଜଣେ ବିଶିଷ୍ଟ ସାହିତ୍ୟିକ ଭାବରେ ସେ ଓଡ଼ିଆ ସାହିତ୍ୟରେ ନିଜକୁ ପ୍ରତିଷ୍ଠିତ କରି ପରିଛନ୍ତି। ରେଭେନ୍ସାରେ ପଢୁଥିବା ବେଳେ ସେ ପଶ୍ଚିମ ଛାତ୍ରାବାସ (West Hostel) ର ସାହିତ୍ୟ ପତ୍ରିକା 'ଉର୍ମି' ର ସମ୍ପାଦକ ହୋଇଛନ୍ତି। ସେ ମଧ୍ୟ 'ଆଗାମୀ ଶତାବ୍ଦୀ' ପତ୍ରିକାର ସମ୍ପାଦକ ଥିଲେ। ସେ ଓଡ଼ିଆରେ ଏମ୍.ଏ. ପାଶ କଲାପରେ କିଛିଦିନ ଅଧ୍ୟାପନା କରିଥିଲେ। ପରବର୍ତ୍ତୀ ସମୟରେ ସେ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସେ ୧୯୭୪,୧୯୮୦, ୧୯୮୫ ଏବଂ ୧୯୯୫ ମସିହାରେ ବିଜୟ ଲାଭ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଛନ୍ତି। ତାଙ୍କର ଗଳ୍ପ ସଂକଳନ ମଧ୍ୟରେ 'ମୌସୁମୀ', 'ପଦ୍ମାର ସଙ୍ଗୀତ', 'ଶେଷଅଭିସାର' ଇତ୍ୟାଦି ପ୍ରଧାନ। ଏତଦ୍ ବ୍ୟତୀତ ସେ 'ମୌଲାନା ଅବୁଲ କାଲାମ ଆଜାଦ', 'ନବକଳେବର', 'ବୈରାଗୀ ମିଶ୍ରଙ୍କ ଆତ୍ମଜୀବନୀ 'ସ୍ୱଭାବ ନିୟତ ଜୀବନ ଯୁଦ୍ଧ', ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ 'ପାଣିକବିଙ୍କ

ଆତ୍ମକାହାଣୀ', ପ୍ୟାରୀମୋହନ ଆଚାର୍ଯ୍ୟଙ୍କ 'ଓଡ଼ିଶା ଇତିହାସ' ଇତ୍ୟାଦି ପୁସ୍ତକ ସହିତ 'ଗଣକବି ସ୍ମରଣିକା', 'ଜଗନ୍ମୋହନ ଲାଲ ସ୍ମରଣିକା' ଏବଂ 'ପ୍ୟାରୀ ମୋହନ ଆଚାର୍ଯ୍ୟ ସ୍ମରଣିକା' ଗ୍ରନ୍ଥ ସମ୍ପାଦନା କରିଛନ୍ତି। ଏହା ସହିତ ଶ୍ରୀଯୁକ୍ତ ଅଲ୍ଲୀ 'ଝେଲମ ନଦୀର ତୀରେ' (ଉପନ୍ୟାସ) ଏବଂ 'ସୂର୍ଯ୍ୟ ଶପଥ' ( ନାଟକ) ରଚନା କରିଛନ୍ତି। ଶ୍ରୀକାନ୍ତ କୁମାର ରାଉତରାୟ ( ୩-୩-୧୯୪୨) ଶିପୁରା, ମୂଳବସନ୍ତ – ଗଳ୍ପ, ଉପନ୍ୟାସ, ନାଟକ ଏବଂ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ଶ୍ରୀକାନ୍ତ ନିଜର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି। ତାଙ୍କ କୃତିଗୁଡ଼ିକ ମଧ୍ୟରେ 'ସମାପିକାର ସମାପ୍ତି', 'ତୁମ ଓଠର ମିଠା ମିଠା ହସ ଓ ମୋ ହୃଦୟର ସୁନ୍ଦର ଅନୁଭୂତି', 'ଶରତ ସନ୍ଧ୍ୟାର ଜ୍ୟୋତ୍ସ୍ନା', ଏ ମନ ବୁଝେନା' (ଗଳ୍ପ), 'ସେ ଏକ ବିସ୍ମିତ ଆକାଶ', 'ଜୀବନ ସ୍ୱପ୍ନ', 'ସତ୍ୟ ଶିବ ସୁନ୍ଦର', 'ଏକାନ୍ତ ସତ୍ୟ' ଓ 'ଏକାଙ୍କିକା ସୌରଭ' (ନାଟକ), 'ଜୀବନର ପ୍ରତିଶ୍ରୁତି', 'ଦୂର ଦିଗ୍ ବଳୟ', 'ନିକାଞ୍ଚନରେ ନୀଳକଇଁ', 'ମୋ' ମନର ଇନ୍ଦ୍ରଧନୁ', 'ସୁଜାତା', 'ଆଶାର ଆଲୋକ' ଓ 'ସନ୍ଧ୍ୟାର ଅତିଥି' ( ଉପନ୍ୟାସ) ଇତ୍ୟାଦି ପ୍ରଧାନ। ତାଙ୍କର ଶିଶୁ ସାହିତ୍ୟ ମଧ୍ୟରେ 'ଜୀବଜନ୍ତୁ କହେ କଥା ଭଲ', 'ଭଲ ହିତକଥା' (୫ ଖଣ୍ଡ), 'ବିଶ୍ୱରେ ବିସ୍ମୟକର ଆବିଷ୍କାର', 'ସବୁଜ ବୃକ୍ଷରୁ ସୁନ୍ଦର ସ୍ୱାସ୍ଥ୍ୟ' ଇତ୍ୟାଦି ପ୍ରଧାନ। ସରୋଜିନୀ ଷଡଙ୍ଗୀ ( ୧୯୫୧)- ସରୋଜିନୀଙ୍କ ପୈତୃକ ଗ୍ରାମ ହେଉଛି ସମସରପୁର। କବି ଜୀବାନନ୍ଦ ଆଚାର୍ଯ୍ୟ ଏବଂ ଶିଶୁ ସାହିତ୍ୟିକା ପଦ୍ମାବତୀ ଆଚାର୍ଯ୍ୟଙ୍କର ସୁପୁତ୍ରୀ ହେଉଛନ୍ତି ସରୋଜିନୀ। ଜଣେ ଆଗ ଧାଡିର କବି ଭାବରେ ସେ ଓଡ଼ିଶାରେ ସୁପରିଚିତ। ତାଙ୍କ କବିତା ସଂକଳନ ମଧ୍ୟରେ 'ସୂର୍ଯ୍ୟସ୍ନାନ', 'ଆଖି କଥା କହେ', 'ଶ୍ୱେତାମ୍ବରୀ', 'ଆତ୍ମଜା', 'ଅସବର୍ଣ୍ଣ', 'ମନସ୍ୱିନୀ', 'ତନ୍ମୟ' ଓ 'ତଥାସ୍ତୁ' ଇତ୍ୟାଦି ପ୍ରଧାନ। ଅନେକ ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ ହୋଇଛନ୍ତି। ସୁଧୀର ଚନ୍ଦ୍ର ବେହେରା, ଗୋକୁଳପୁର, ରାହାଣିଆ, – 'ଓଡ଼ିଆ ସାହିତ୍ୟରେ ଓଡ଼ିଆତ୍ୱ' ହେଉଛି ସୁଧୀର ଚନ୍ଦ୍ର ବେହେରାଙ୍କ ରଚିତ ପୁସ୍ତକ।

ଆହୁରି ଅନେକ ସାହିତ୍ୟିକ ହୁଏତ ଏହି ପ୍ରବନ୍ଧରେ ସ୍ଥାନ ପାଇ ପାରିନଥିବେ, ତେବେ ଆଗାମୀ ଦିନରେ ଆଉ କେହି ଏମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ କରିବେ ବୋଲି ଆମେ ଆଶାବାଦୀ। ଏବେବି ଅନେକ ସାହିତ୍ୟ ରଚନାରେ ନିଜକୁ ଜଡିତ ରଖିଥିବେ; ପୁଣି ଭବିଷ୍ୟତରେ ଆହୁରି ଅନେକ ଏଥିରେ ନିଜକୁ ନିୟୋଜିତ ରଖିବେ। ଏହା ଏକ ଅନବରତ ପ୍ରକ୍ରିୟା ହୋଇଥିବାରୁ ମାହାଙ୍ଗା ମାଟିର ଅନେକ ସନ୍ତାନ ଓଡ଼ିଶାର ସାରସ୍ୱତ ଜଗତକୁ ଯେ ଋଦ୍ଧିମନ୍ତ କରିବେ, ତାହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ।

ସହାୟକ ଗ୍ରନ୍ଥ :


(୧) ସାହିତ୍ୟକୋଷ, ପ୍ରକାଶକ : ଆମ ଓଡିଶା, ଭୁବନେଶ୍ବର

(୨) ଓଡ଼ିଆ ଲେଖକ ପରିଚୟ, ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ବର

# ଓଡ଼ିଆ କ୍ଷୁଦ୍ରଗଳ୍ପରେ ନାମକରଣର ବୈଚିତ୍ର୍ୟ

● ହୃଷୀକେଶ ମହାରଣା



ଗବେଷକ, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ କଟକ

ପ୍ରତ୍ୟେକ ବସ୍ତୁ, ଉଭିଦ, ଜୀବଜନ୍ତୁ ଓ ମଣିଷମାନଙ୍କୁ ଆମେ ସେମାନଙ୍କ ନାମରୁ ଚିହ୍ନୁ। ଗଳ୍ପ ହେଉ ବା ଗଳ୍ପ ସଂକଳନଟିଏ, ନାମ ହିଁ ତା'ର ପରିଚୟ। ଏହି ନାମ ହିଁ ଶବ୍ଦାନ୍ତରରେ ଶୀର୍ଷକ। ଶୀର୍ଷକଟି ଆକର୍ଷଣୀୟ ହେଲେ ଗଳ୍ପ ପଠନର ଉତ୍କଣ୍ଠା ତ୍ୱରାନ୍ୱିତ ହୁଏ। ବୋଧହୁଏ ସେଇଥିପାଇଁ ଲେଖକଟିଏ ଗଳ୍ପ ଲେଖିଲାବେଳେ ତା'ର ଶିରୋନାମାଟିକୁ ଯଥାସମ୍ଭବ ଆକର୍ଷଣୀୟ କରିବାକୁ ଚେଷ୍ଟାକରେ। "କ୍ଷୁଦ୍ରଗଳ୍ପର ଯେଉଁ ଅଂଶଟି ପାଠକର ଦୃଷ୍ଟି ଆକର୍ଷଣ କରେ, ତାହା ତା'ର ନାମ ବା ଶିରୋନାମା ବା ଶୀର୍ଷକ। ଏହା କ୍ଷୁଦ୍ରଗଳ୍ପ ପ୍ରତି ପାଠକର ଆଗ୍ରହ ସୃଷ୍ଟି କରିବାକୁ ବିନିଯୁକ୍ତ। ଏହା ପୁଣି ସମୁଦାୟ ଗଳ୍ପର ଉଦ୍ଦେଶ୍ୟର ଇଙ୍ଗିତ ମଧ୍ୟ ହୋଇଥିବା ଉଚିତ। ଏଣୁ ଏହା ଏକ ସମୟରେ ସାଂକେତିକ ପୁଣି ସୂଚନାଦାୟକ।" ଏହା ପୁଣି ଗୋଟିଏ ଅକ୍ଷରରୁ ଆରମ୍ଭ ହୋଇ ଏକାଧିକ ଶବ୍ଦ ସମନ୍ୱିତ ଏକ ଜଟିଳ ବାକ୍ୟ ପର୍ଯ୍ୟନ୍ତ ବିସ୍ତୃତ ମଧ୍ୟ ହୋଇପାରେ। ନାମକରଣରୁ ଗଳ୍ପର ପ୍ରସଙ୍ଗ, ଚରିତ୍ର, ସମୟ ଓ ଉଦ୍ଦେଶ୍ୟ ସମ୍ପର୍କିତ ସୂଚନା ମିଳିପାରେ। ଗଳ୍ପର ନାମଟି ପାଠକକୁ ଗଳ୍ପର କଥାବସ୍ତୁ ସଂପର୍କରେ ସଂପୂର୍ଣ୍ଣ ସୂଚନା ଦେଇନପାରେ କିନ୍ତୁ ସାଙ୍କେତିକ ଭାବେ ପ୍ରକାଶ କରେ। ଗଳ୍ପର ଶିରୋନାମାଟି ସର୍ବଦା ଏକ ଖଣ୍ଡବାକ୍ୟ ହୋଇଥାଏ।

୧. **ଚରିତ୍ର ଆଧାରିତ** : ଚରିତ୍ର ଆଧାରିତ କ୍ଷୁଦ୍ରଗଳ୍ପରେ ମୁଖ୍ୟଚରିତ୍ରର ନାମାନୁସାରେ ଗଳ୍ପର ନାମକରଣ କରାଯାଇଥାଏ। ଅନେକ ସମୟରେ ଏଇ ମୁଖ୍ୟ ଚରିତ୍ରକୁ କେନ୍ଦ୍ରରେ ରଖି ଗଳ୍ପର କାହାଣୀ ଗତିଶୀଳ ହୁଏ। ଶିରୋନାମାଟି ଚରିତ୍ର ନାମାନୁସାରୀ ହେବାଦ୍ୱାରା ଗଳ୍ପଦ୍ୱନ୍ଦ୍ୱ ଗୋପନୀୟ ରହେ। ଗଳ୍ପ ପାଠକଲେ ହିଁ ପାଠକ ଗଳ୍ପର ଶୀର୍ଷବିନ୍ଦୁ ଓ ଆଭିମୁଖ୍ୟ

ସଂପର୍କରେ ଜାଣିବାରେ ସକ୍ଷମ ହୁଏ। ଆତ୍ମକଥନଧର୍ମୀ ଶୈଳୀ ଓ ଚେତନାପ୍ରବାହଧର୍ମୀ ଶୈଳୀରେ ରଚିତ ଗଳ୍ପଗୁଡ଼ିକ ମୁଖ୍ୟତଃ ଚରିତ୍ର ଆଧାରିତ ଗଳ୍ପ ହୋଇଥାଏ। ଏଣୁ ଏ ପ୍ରକାର ଗଳ୍ପର ନାମକରଣ ମଧ୍ୟ ମୁଖ୍ୟ ଚରିତ୍ରର ନାମକୁ ନେଇ ଗଢ଼ାଯାଇଥାଏ।

ବୀଣାପାଣି ମହାନ୍ତିଙ୍କ 'ଆନନ୍ଦବାବୁ, କୋକିଳଦେଈ, ପାଟଦେଈ, 'ସୁଚିତ୍ରାର ସଂସାର'(ବହ୍ନି ବଳୟ), 'ଚମ୍ପିଆଈ(ଏକାକୀ ପରାଶର), ରାମଚନ୍ଦ୍ର ବେହେରାଙ୍କ 'ଦୀପୁର ଜେଜେମା', ତରୁଣ କାନ୍ତି ମିଶ୍ରଙ୍କ 'ଭାସ୍ବତୀ'(ଭାସ୍ବତୀ), ମହାପାତ୍ର ନୀଳମଣି ସାହୁଙ୍କ 'ସୁମିତ୍ରାର ହସ', 'ସୁନନ୍ଦାର ଲୁହ'(ସୁମିତ୍ରାର ହସ), 'ନିବେଦିତାର ନୈଶାଭିସାର'(ଅନ୍ଧରାତିର ସୂର୍ଯ୍ୟାଭିସାର), 'ମୁଁ ମକରା କହୁଛି ହଜୁରେ'(ରାତିର ତପସ୍ୟା), 'ବାଇଧର ବାବୁଙ୍କ ରାଜଯୋଗ'(ବାଇଧର ବାବୁଙ୍କ ରାଜଯୋଗ), 'ମିସେସ ଚକ୍ରବର୍ତ୍ତୀ', 'ମୀନକେତନ ବାବୁ ଓ ଜଳବାୟୁ'(ଆକାଶପାତାଳ), ଅଖିଳମୋହନ ପଟ୍ଟନାୟକଙ୍କ 'ରୂପନାରାୟଣ ସାହା', 'ସିଦ୍ଧାର୍ଥର ଉପକଥା' (ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର), 'ରାଣୀବାଈ', 'କନିଅପା'(ନଦୀର ନାମ ଗଣତନ୍ତ୍ର), ମନୋଜଦାସଙ୍କ 'ରାୟସିଂହର ଡାଏରୀ'(ଆରଣ୍ୟକ), 'ଲକ୍ଷ୍ମୀର ଅଭିସାର'(ଲକ୍ଷ୍ମୀର ଅଭିସାର), 'ଭୋଳା ଅଜା' 'ବ୍ରଜ ଗୋପାଳ ଓ ବୁଲୁବାବା'(ମନୋଜ ଦାସଙ୍କ ଗଳ୍ପ), 'ଲାଟୁ ଭାଇ'(ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ), ଅକ୍ଷୟ ମହାନ୍ତିଙ୍କ 'ନଗ୍ନ ମୋନାଲିସା', 'ରାନିଦାସକୁ କଳାପତାକା ପ୍ରଦର୍ଶନ', 'ରଫିକ ମିଆଁ'(ଅକ୍ଷୟ ମହାନ୍ତିଙ୍କର ଗଳ୍ପ ସମଗ୍ର), ରାଜକିଶୋର ରାୟଙ୍କ 'ପାପିନୀ ସତ୍ୟଭାମା', ମୈଥିଳୀର ମନ'(ଦୁର୍ବଳ ଦେବାଳୟ), ଆନନ୍ଦ ଚନ୍ଦ୍ର ପହିଙ୍କ 'ସିଦ୍ଧାର୍ଥର ସିଦ୍ଧି' (ଏବଂ ଈଶ୍ବରଙ୍କୁ ଇ-ମେଲ୍), 'ଟୁବୁ'(ଧୂଳିଝଡ଼), ମୁଦ୍ରିତା ଲୋପାମୁଦ୍ରା', 'ଅସୀମାର ସୀମା'(ମୁଦ୍ରିତା ଲୋପାମୁଦ୍ରା), ଅଜୟ ସ୍ବାଇଁଙ୍କ 'ଅରୁ, ଅମୃତ ଓ କାଗଜକୁକୁରମାନଙ୍କ ପାଇଁ', 'ଲିତୁ ମିଶ୍ର ଯେବେ ହସେ', 'ବୈଷ୍ଣବ ଓ ପାର୍ବତୀ କୁଅଁର', 'ଦୂତୀଦେଈ'(ବୋଉର ଗୀତ ଖାତା) ପ୍ରଭୃତି ଗଳ୍ପର ମୁଖ୍ୟ ଚରିତ୍ରରେ ନାମକୁ ନେଇ ଗଳ୍ପର ନାମକରଣ କରାଯାଇଛି।

୨. **ସ୍ଥାନ ଆଧାରିତ** : ଗଳ୍ପର କଥାବସ୍ତୁ ଯଦି କୌଣସି ସ୍ଥାନର ମହତ୍ତ୍ୱ ପ୍ରତିପାଦିତ କରୁଥାଏ କିମ୍ବା ବର୍ଣ୍ଣିତ ଘଟଣା ସହ ଯଦି ସେହି ନିର୍ଦ୍ଦିଷ୍ଟ ସ୍ଥାନର କିଛି ସଂପୃକ୍ତି ରହିଥାଏ ତେବେ ଗାଳ୍ପିକ ସେହି ସ୍ଥାନର ନାମାନୁସାରେ ଗଳ୍ପର ଶୀର୍ଷକ ନାମକରଣ କରିଥାନ୍ତି। ଶିରୋନାମା ଭାବେ ଗୁରୁତ୍ୱ ପାଉଥିବା ସ୍ଥାନଟି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡ, ଭୌଗୋଳିକ ଅବସ୍ଥିତି, ଜଳବାୟୁ ଓ ପରିବେଶର ଧାରଣା ସୃଷ୍ଟି କରୁଥାଏ। ରାଜକିଶୋର ରାୟଙ୍କ କାଲିଫର୍ଣ୍ଣିଆର ପ୍ରାଣୀଞ୍ଚ'(ଦୁର୍ବଳ ଦେବାଳୟ), କିଶୋରୀ ଚରଣ ଦାସଙ୍କ ସାଏଗନ୍‌ରେ ସୁଖ(ଘରବାହୁଡ଼ା), ମନୋଜ ଦାସଙ୍କ 'ନିଜନପୁରରେ କେତୋଟି ସନ୍ଧ୍ୟା', 'ଲୁଲୁର୍ଭା ପର୍ବତରେ ଏକ ଦ୍ୱିପ୍ରହର', ଅକ୍ଷୟ ମହାନ୍ତିଙ୍କ 'କଟକ', 'କଟକ! ଆଇ ଲଭ୍ ୟୁ' ପ୍ରମୁଖ ଗଳ୍ପଗୁଡ଼ିକ ନିର୍ଦ୍ଦିଷ୍ଟ ସ୍ଥାନର ନାମକୁ ନେଇ ନାମିତ ହୋଇଛି।

୩. **ସମୟ ଆଧାରିତ** : କୌଣସି ନିର୍ଦ୍ଦିଷ୍ଟ ବାର, ତାରିଖ, ମାସ ଓ ବର୍ଷ ଆଦି ସମୟଖଣ୍ଡକୁ ନେଇ ରଚିତ ଗଳ୍ପର ଶୀର୍ଷକ ସେହି ନିର୍ଦ୍ଦିଷ୍ଟ ସମୟକୁ ନେଇ ନାମକରଣ କରାଯାଇପାରେ। ଏପରି ନାମକରଣ ଦ୍ୱାରା ଗଳ୍ପର ପରିବେଶ ଓ ବାତାବରଣକୁ ବେଶ୍ ଅନ୍ତରଙ୍ଗତାର ସହ ଅନୁଭବ କରିହୁଏ। ନାମକରଣ ପଢ଼ିବାମାତ୍ରେ ପାଠକ ସେହି ସମୟଖଣ୍ଡ ଆଧାରରେ ଗଳ୍ପର କଥାବସ୍ତୁକୁ ବିଚାର କରେ। ତଦ୍ୱାରା ଗଳ୍ପକୁ ଆଖିଦେଖା ଘଟଣା ଭଳି ଉପଲବ୍ଧି କରିପାରେ। ରାଜକିଶୋର ରାୟଙ୍କ 'ମଧ୍ୟାହ୍ନର ମରୁପଥେ', 'ଇଣ୍ଟରଭାଲ'(ମଧ୍ୟାହ୍ନର ମରୁପଥେ), ଅଖିଳମୋହନ ପଟ୍ଟନାୟକଙ୍କ 'ପୌଷର ଗୋଟାଏ ରାତ୍ରି', 'ଆଷାଢ଼ସ୍ୟ ପ୍ରଥମ ଦିବସେ'( ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର), କିଶୋରୀ ଚରଣ ଦାସଙ୍କ 'ବିଜୟାଦଶମୀ'(ମଣିହରା), ବର୍ଷାର ପହିଲି ଦିନ(ନିଆଁ), ଅଜୟ ସ୍ୱାଇଁଙ୍କ 'ଏକ ବର୍ଷାସଂଜର ଗପ', 'ମିଛିମିଛିକା ରାତି', ଡାଡି ଓ ଜହ୍ନରାତି', ତରୁଣକାନ୍ତି ମିଶ୍ରଙ୍କ 'ଅତିଥି ସକାଳ', 'ମେଘରାତି', 'ଜହ୍ନରାତି', ପ୍ରକାଶ ପରିଡ଼ାଙ୍କ 'ବର୍ଷାଦିନର ସକାଳରେ', ରାମଚନ୍ଦ୍ର ବେହେରାଙ୍କ 'ମଧ୍ୟାହ୍ନର ଛାଇ', 'ଚାରୋଟି ଅସୁସ୍ଥ ଦିନ', ରାଜକିଶୋର ରାୟଙ୍କ 'ମଧ୍ୟାହ୍ନର ମରୁପଥେ', ଶାନ୍ତନୁ ଆଚାର୍ଯ୍ୟଙ୍କ 'ଆଦ୍ୟ ସକାଳ' ଇତ୍ୟାଦି ସମୟ ଆଧାରିତ ନାମକରଣ ଦୃଷ୍ଟାନ୍ତ।

୪. **ପ୍ରସଙ୍ଗ ଆଧାରିତ** : ଯେକୌଣସି ପ୍ରସଙ୍ଗକୁ ନେଇ ଗଳ୍ପ ରଚନା କରାଯାଇପାରେ କିନ୍ତୁ ସର୍ବଦା ପ୍ରସଙ୍ଗ ଭିତ୍ତିରେ ଗଳ୍ପର ନାମକରଣ କରାଯାଏ ନାହିଁ।

ଯେଉଁଠି ପ୍ରସଙ୍ଗ ରାଜକିଶୋର ରାୟଙ୍କ 'ପଙ୍କରୁ ଜାତ ପଦ୍ମଶ୍ରୀମାନେ', 'ଦଗ୍ଧ ଡମ୍ବରୁ'’(ମନ୍ୱନ୍ତରର ମାନବ) 'ଏ ନିଶା କାହିଁକି?'(ପଙ୍କ ଚନ୍ଦନ), 'ଉଲଗ୍ନ ରାଜା'(ମଧ୍ୟାହ୍ନର ମରୁପଥେ), ଜୋତା ବାହାରେ ରଖନ୍ତୁ', 'କାହାକୁ ଡାକିବା'(ସୁନ୍ଦରର ଆବାହନ), ଅଖିଳମୋହନ ପଟ୍ଟନାୟକଙ୍କ 'ଚନ୍ଦ୍ରର ଅଭିଶାପ'(ଚନ୍ଦ୍ରର ଅଭିଶାପ), ଶେଷ ଆବିଷ୍କାର(ଓ ଅନ୍ଧଗଳି), ଗଜ ଉଦ୍ଧାରଣ'(ପ୍ରଥମ ଓ ଶେଷ), କିଶୋରୀ ଚରଣ ଦାସଙ୍କ 'ତିନୋଟି ଦୃଶ୍ୟ', 'ସୁଖର ସଂସାର'(ମଣିହରା), 'ଦୟନୀୟ ଦୁଃଖ'(ତରଙ୍ଗ), 'ଦ୍ୱିତୀୟ ଏମରଜେନ୍ସି' 'ସତୀଦାହ’'(ଶାନ୍ତ ଅପରାହ୍ଣ), ମହାପାତ୍ର ନୀଳମଣି ସାହୁଙ୍କ 'ରତନାର ବାହାଘର'(ସୁମିତ୍ରର ହସ), 'ଏ ଗାଈଟି କାହାର', 'ଭଗବାନ ମାଳା ପରେ'(ଆକାଶ ପାତାଳ), 'ଗାଲୁଆଙ୍କ ବାରବାଟୀ ଚାଷ' (ଲୌକିକ ଓ ଅଲୌକିକ), ବୀଣାପାଣି ମହାନ୍ତିଙ୍କ 'ଛେଳି ବାଘ ଖାଏ'(ପାଛଶାଳା ଓ ରକ୍ତକବରୀ), ବନା ପବନା ଉପାଖ୍ୟାନ'(ଇଣ୍ଟରଭିଉ), ଦୁଇ ପତିବ୍ରତାର କାହାଣୀ' (ବହ୍ନିବଳୟ), ମନୋଜ ଦାସଙ୍କ 'ସମୁଦ୍ରର କ୍ଷୁଧା ('ସମୁଦ୍ରର କ୍ଷୁଧା), 'ଗୋଟିଏ ଚୋରିର ବୃତ୍ତାନ୍ତ'(ଶେଷ ବସନ୍ତର ଚିଠି) ଆଦି ଗଳ୍ପ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଆଧାରକରି ରଚନା କରାଯାଇଛି।

୫. **ଉଦ୍ଦେଶ୍ୟ ଆଧାରିତ** : ସବୁ ଗଳ୍ପର ଏକ ସକାରାତ୍ମକ ଉଦ୍ଦେଶ୍ୟ ଥାଏ। ସେ ଉଦ୍ଦେଶ୍ୟ ବେଳେବେଳେ ପ୍ରକାଶ ପାଏ, ବେଳେବେଳେ ଉହ୍ୟ ରହେ। ସେଇ ଉଦ୍ଦେଶ୍ୟକୁ ନେଇ ନାମକରଣ କରିବାର ପରମ୍ପରା ଅନେକଗୁଡ଼ିଏ ଗଳ୍ପରେ ରହିଥାଏ। ଗଳ୍ପଟି ପାଠକଲା ପରେ ଗଳ୍ପ ବର୍ଣ୍ଣିତ ବିଷୟର ଆଭିମୁଖ୍ୟ ନାମକରଣ ସହ ସାମଞ୍ଜସ୍ୟ ରକ୍ଷା କରୁଥିବା ଅନୁଭବ କରେ। ରାଜକିଶୋର ରାୟଙ୍କ 'ଅମୃତର ଜୟ ହେଉ'(ପଙ୍କ ଚନ୍ଦନ), 'ପରିତ୍ରଣାୟ ସାଧୁନାମ୍'(ଦୁର୍ବଳ ଦେବାଳୟ), କିଶୋରି ଚରଣ ଦାସଙ୍କ 'ଇଚ୍ଛାପୂରଣ'(ଶାନ୍ତ ଅପରାହ୍ଣ), 'ମାତୃରୂପେଣ ସଂସ୍ଥିତା' (ବୃନ୍ଦାବନର ଶେଷଧୂପ), ବୀଣାପାଣି ମହାନ୍ତିଙ୍କ 'ଅନ୍ୱେଷଣ'(ତୃତୀୟପାଦ), ମନୋଜଦାସଙ୍କ 'ପ୍ରତ୍ୟାବର୍ତ୍ତନ', 'ଆବିଷ୍କାର' (ମନୋଜଦାସଙ୍କ କଥା ଓ କାହାଣୀ) ଆଦି ଗଳ୍ପର ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଥାଏ।

୬. **ପ୍ରତୀକାତ୍ମକ ନାମକରଣ** : ଅନେକ ସମୟରେ ଗଳ୍ପର ନାମକୁ ନେଇ ତା'ର ବିଷୟବସ୍ତୁ ସମ୍ପର୍କରେ କିଛି କଳନା କରିହୁଏ ନାହିଁ। କୌଣସି ବସ୍ତୁ, ଘଟଣା, ପ୍ରାଣୀ, ଉଦ୍ଭିଦ ଆଦିଙ୍କୁ ନେଇ ଗଳ୍ପର ନାମକରଣ କରାଯାଇଥାଏ। ସେହି ନାମଗୁଡ଼ିକ ପଛରେ ଏକ କାହାଣୀ ଲୁଚି ରହିଥାଏ। ନାମଟି କେବଳ ପ୍ରତୀକ ରୂପେ ବ୍ୟବହୃତ ହୋଇ ସେଇ କାହାଣୀର ପ୍ରତିଫଳନ କରାଉଥାଏ। ଏପରି ନାମକରଣ ପାଠକକୁ ଚମତ୍କୃତ କରେ ଓ ଅପୂର୍ବ ପୁଲକ ଆଣିଦିଏ। ୧୯୬୦ ମସିହା ପରବର୍ତ୍ତୀ ଅଧିକାଂଶ ଗଳ୍ପର ନାମକରଣ ପ୍ରତୀକାତ୍ମକ ହିଁ ହୋଇଥାଏ। ମନୋଜ ଦାସଙ୍କ 'ଓଟ', ରାମଚନ୍ଦ୍ର ବେହେରାଙ୍କ 'ଗେଣ୍ଡା', କହ୍ନେଇ ଲାଲ ଦାସଙ୍କ 'ଭାଲୁ', 'କୁକୁର ମୁଁ ଓ ଚନ୍ଦ୍ର', 'ଅଙ୍କୁରୋଦ୍‌ଗମ', 'ପେପର ୱେଟ', 'ଫଳ' ଆଦି ଗଳ୍ପର ଶିରୋନାମା ହିଁ ଗୋଟିଏଗୋଟିଏ ପ୍ରତୀକ।

■

# କବି ଜୟଦ୍ରଥ ସୁନାଙ୍କ 'ଶୋଷ' : ଭାବ ଓ ବିଭବ

● ସୁବାଷ ଚନ୍ଦ୍ର ଭୋଇ



ଗବେଷକ, ଓଡ଼ିଆ ବିଭାଗ
ଶାନ୍ତିନିକେତନ, କଲିକତା

ଏକବିଂଶ ଶତାବ୍ଦୀର କବିମାନଙ୍କ ମଧ୍ୟରେ କବି ଜୟଦ୍ରଥ ସୁନଙ୍କ ନାମ ଅନନ୍ୟ। ଆଦିବାସୀ, ପୀଡ଼ିତ, ଦଳିତ, ଗରିବ ଜନତାର ସ୍ବର ତାଙ୍କ କବିତାରେ ଝଙ୍କୃତ,ତାଙ୍କ କବିତାରେ ନଥାଏ ଶାବ୍ଦିକ କ୍ଲିଷ୍ଟତା,ଥାଏ ସାଧାରଣ ମଣିଷର କରୁଣ ସ୍ବର ଆଜିର ସମାଜ ଯାହାକୁ ଆଦିବାସୀ ଅଶିକ୍ଷିତ କହି ତାକୁ ନିଜ ଜନ୍ମଭୂମି ଠାରୁ ଅଲଗା କରି ଦେବାକୁ ବସିଛି,ମିଛ ସ୍ୱପ୍ନ ଦେଖାଇ ତାର ମାଟିର ମହକକୁ ନେଇ କିଣା ବିକା ଚେଷ୍ଟା କରୁଛି,ତାଙ୍କ ତାଙ୍କ ଅସ୍ତିତ୍ୱକୁ ନିଶ୍ଚିହ୍ନ କରିଦେବାର ଚକ୍ରାନ୍ତକୁ କବି ଖୋଲା ଖୋଲି ପ୍ରକାଶ କରନ୍ତି କବିତା ମାଧ୍ୟମରେ।କବି ଜୟଦ୍ରଥ ସୁନା କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ କର୍ଲାମୁଣ୍ଡା ବ୍ଲକର ରେଭେନ୍ୟୁ ବହିର୍ଭୂତ ଗାଁ ଭାଞ୍ଜିପଦର୍ ଠାରେ ୧୯୮୪ ଜୁଲାଇ ୧ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେତେବେଳେ ତାଙ୍କର ଆର୍ଥିକ ଅବସ୍ଥା ସ୍ବଚ୍ଛଳ ନଥିଲା। ଦାରିଦ୍ର୍ୟତା ସହ ସଂଘର୍ଷ କରି ରାଉରକେଲା ଠାରୁ ସ୍କୁଲ ଶିକ୍ଷା ଆରମ୍ଭ କରି ଭବାନୀପାଟଣା ରେ ରାଜନୀତି ବିଜ୍ଞାନ ଓ ଓଡ଼ିଆରେ ସ୍ନାତକୋତ୍ତର ଶ୍ରେଣୀ ପାସ କରିଥିଲେ। ତାଙ୍କ କର୍ମମୟ ଜୀବନ ଏକ ଘରୋଇ ବିଦ୍ୟାଳୟ ସହକାରୀ ଶିକ୍ଷକରୁ ଆରମ୍ଭ ହୋଇ ପରେ ଅଧ୍ୟକ୍ଷ ଓ ସମ୍ପ୍ରତି ପ୍ରଗତି ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟରତ।ଏପର୍ଯ୍ୟନ୍ତ ତାଙ୍କର ଦୁଇଗୋଟି କବିତା ସଂକଳନ ଶୋଷ (୨୦୧୭) ଓ ନିଆଁଧରା(୨୦୨୦) ପ୍ରକାଶ ପାଇଛି।

ଆଲୋଚ୍ୟ କବିତା ସଂକଳନ "ଶୋଷ" ୨୦୧୭ ମସିହାରେ ପଶ୍ଚିମା ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ଏବଂ ସଂକଳନ ୨୦୧୮ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ହୋଇଛି। କବିଙ୍କ

ଜୀବନର ପ୍ରତିଫଳନ ହେଉଛି "ଶୋଷ" କବିତା ସଂକଳନ। କବିତା ସଙ୍କଳନର ନାମକରଣ ସମ୍ପର୍କରେ କହନ୍ତି - " ପାଣ୍ଡୁଲିପି ପ୍ରସ୍ତୁତି ପରେ ମୁଁ ଯେତେବେଳେ ସଙ୍କଳନର ଶୀର୍ଷକ ଖୋଜିଲି ସେତେବେଳେ ମୋର ପିଲାଦିନର କଥା ମନେ ପଡ଼ିଗଲା। ଆମେ ଚାରି ଭାଇଭଉଣୀ ଓ ମୁଁ ସବାସାନ । ସେତେବେଳେ ଆମର ଆର୍ଥିକ ଅବସ୍ଥା ସ୍ବଚ୍ଛଳ ନଥିଲା । କେବେ କେବେ ରାତିରେ ମା ବଡଭଉଣୀକୁ ପାଣି ଫୁଟାଇବା ପାଇଁ କହି ପଡୋଶୀ ଘରକୁ ଚାଉଳ ସଂଗ୍ରହ ପାଇଁ ଯାଏ, କେବେ କେବେ ଚାଉଳ ମିଳେ ଆଉ କେବେ ଖୁଦ ମଧ ମିଳେ ନାହିଁଯେବେ ଚାଉଳ ମିଳୁନଥିଲା ସେଦିନ ବଡଭଉଣୀ ମାନେ କହନ୍ତି ଆମକୁ ଭୋକ ହେଉନାହିଁ ମା ଶୋଷ କରୁଛି ଆମେ ପାଣି ପିଇ ଶୋଇଯିବୁ। ଆମେ ପ୍ରାୟ ସେମିତି ଭୋକ କୁ ଶୋଷ ଭାବି ଶୋଇପଡୁ।କବିତାରେ ଯେହେତୁ ସେଇ ଅଙ୍ଗେନିଭା ସାମ୍ପ୍ରତିକ ସମୟର ଅଭାବ ଅନଟନ ର କଥା ରହିଛି ,ତେଣୁ କବିତା ସଙ୍କଳନର "ଶୋଷ" ରଖିଲି"(ଦୂରଦର୍ଶନ ସାକ୍ଷାତକାର ୨୦୧୮) ବାସ୍ତବରେ ଭୋକ, ଶୋଷ ମଣିଷର ଚିର ଶତ୍ରୁ ସେ ଧନୀ,ଦରିଦ୍ର, ଛୁଆ ବୁଢ଼ା କାହାକୁ ଚିହ୍ନେନି କେବଳ ଆକ୍ରାନ୍ତ କରି ତଳିତଳାନ୍ତ କରିବା ତାର ଉଦ୍ଦେଶ୍ୟ।

କବିତା ସଙ୍କଳନରେ ୩୩ ଗୋଟି କବିତା ସ୍ଥାନିତ । କବିତାରେ କବି ତାଙ୍କ ଜୀବନ ଓ ଦୃଶ୍ୟମାନ ଜଗତରେ ଘଟୁଥିବା ଘଟଣାର ପ୍ରତିଫଳନ କରିଛନ୍ତି।ସମାଜରେ ଘଟୁଥିବା ବିସ୍ଥାପନର କରୁଣ ପରିସ୍ଥିତି,ଦଳିତ ଚେତନାର ସ୍ବର,ଆଦିବାସୀ ସଂସ୍କୃତି ପ୍ରତି ଆକ୍ଷେପ,ନାରୀ ବାଦର ନୂତନ ସ୍ବର, ମାନବିକତାର ନବ ମୂଲ୍ୟାୟନ, ପ୍ରେମ ,ମୃତ୍ତିକା ସମ୍ପୃତି ହିଁ କବିତା ବିଭବ ହୋଇ ଉଠିଛି। କବିତାର ସ୍ୱରକୁ ଲୋକାଭିମୁଖୀ କରିବା ପାଇଁ କବିତାର ଦିଗ ବିଦିଗ ସମ୍ପର୍କରେ ଆଲୋଚନାର ପ୍ରଚେଷ୍ଟା କରାଯାଇଛି।

ସାମ୍ପ୍ରତିକ ସମୟରେ ବିସ୍ଥାପନ ଏକ ଜଟିଳ ଓ ବିରାଟ ସମସ୍ୟା।ବିକାଶ ନାଁରେ କାରଖାନା ସ୍ଥାପନ,ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ଆଳରେ ସରକାର ଓ ସରକାର ସହ ସଂପୃକ୍ତ ଘରୋଇ ସଂସ୍ଥା ଗୁଡ଼ିକ ମୂଳ ଅଧିବାସୀଙ୍କୁ ଥଇଥାନର ଶାନ୍ତ ନା ଦେଇ ବାସହରା କରିଦିଅନ୍ତି ଏବଂ କାରଖାନା ପ୍ରସ୍ତୁତ ହେଲା ପରେ ସେସବୁ ଭୁଲି ଯାନ୍ତି। ପୁରୁଷ ପୁରୁଷ ଧରି ରହି ଆସିଥିବା ଭିଟାମାଟିକୁ ଛାଡିବାର ଅନିଚ୍ଛା ସତ୍ତ୍ୱେ ବଳପୂର୍ବକ ,ମିଛ ସ୍ୱପ୍ନ ଦେଖାଇ ମାଟିର ମୋହରେ ପଡ଼ି ମାନସିକ, ଶାରୀରିକ ଅତ୍ୟାଚାର କରନ୍ତି। କବିଙ୍କ କବିତାରେ ଏପରି ସ୍ୱର ଦେଖାଯାଏ। ଯେମିତି ସେମାନେ ଶୁଙ୍ଘି ପାରନ୍ତି/ ଆମ ମାଟିର ବାସ୍ନା/ବାରି ପାରନ୍ତି/ ହାଡ଼ ମାଂସ,ରକ୍ତ/ ସେଥି ପାଇଁ ତ/ ମାଗି ଆସନ୍ତି/ ଏ ଜମି ଦିଆ/ଏ ଗଛ ଦିଅ/ଆଉ ବଦଳରେ/ କିଛି ସ୍ବପ୍ନ ନିଆ(ଆମେ ଜାଣିଛୁ ପୃ -୪୯) ସାଧାରଣ ଲୋକ ତାଙ୍କ କଥାରେ ରହି ହେଲେତ ଭଲ ନହେଲେ ନମାନିଲେ ଲାଠି,ବନ୍ଧୁକ,ଗୁଳି କଥା କହେ।ରାତି ଅଧରେ କମ୍ପାନୀ ଲୋକଙ୍କ ଅତ୍ୟାଚାର ସହ୍ୟ କରି ନପାରି ଜୀବନ ଭିକ୍ଷା କରନ୍ତି ନେହୁରା ହୁଅନ୍ତି ଟିକେ ଆଶ୍ରା ପାଇଁ କବିଙ୍କ ମତରେ ଚଟାଣ/ଖାଲି ପଡ଼ିଛି ଯେ/ଏ ରାତିଟା/ ବସି ବସି କଟେଇବେ | ଆମ ପିଲାମାନେ।( ବିସ୍ଥାପନ ଏକ ରାତିର ପୃ-୬୨) କାହା

କବି ସୁନାଙ୍କ କବିତାରେ ନାରିବାଦର ସ୍ବର ବଦଳି ଯାଇଛି। ମାଟିର ମନଗହନ କଥାକୁ ଦେଖି ପାରିଛନ୍ତି।ତାଙ୍କ କବିତାରେ ନାରୀ ସହରୀ ନୁହେଁ ସେ ଗାଉଁଲି ହୋଇବି ତା ପାଖରେ ଥାଏ ନୈତିକ ମୂଲ୍ୟବୋଧ, ସହନଶୀଳତା, ଆତ୍ମସୁରକ୍ଷା ପାଇଁ ଥାଏ ସାହସ ଓ ଦୃଢ ମନୋବଳ।ସେ ପରିବାର ପାଇଁ ନିଜକୁ ଉତ୍ସର୍ଗ କରିଦିଏ।କବିଙ୍କ ' ସେ ଝିଅଟି ' କବିତାରେ ନାରୀ କର୍ମଠ ହେବାର ଚିତ୍ର ଦେଖାଯାଏ। ନାରୀ ଯେତେ ସ୍ବାଧୀନତା ପାଇଲେ ମଧ ସମାଜ ରୂପକ ବେଡ଼ିରୁ ନିଜକୁ ମୁକୁଳେଇ ପାରେନି।ସମାଜର ଆହ୍ୱାନରେ ଗୁରୁଜନଙ୍କ ମୁହଁରେ ହସ ଟିକେ ଦେଖିବା ପାଇଁ, ସମାଜର ଅପନିନ୍ଦାରୁ ବଞ୍ଚିବା ପାଇଁ ସ୍ବାମୀ ଶବ୍ଦଟିଏ ଲୋଡୁଥାଏ । ତା ମନ ସହ, ତା ରଙ୍ଗ ସହ, ତା ଭାବନା ସହ ନ ମିଶିଲେ ବି ସର୍ବଦା ସ୍ୱାମୀ ଶବ୍ଦକୁ ସମ୍ମାନ କରେ।ନାରୀର ଏହି ଅନ୍ତର ଭାବନା ପ୍ରକାଶ କରି କହନ୍ତି - ନଥିଲେ ବି ଇଚ୍ଛା/ ଅବାଟରେ ଚାଲିବାକୁ ପଡ଼େ/ ଏ ଶବ୍ଦ ଆଞ୍ଚାରେ/ନଚେତ୍/ ଆଦରର ସ୍ତ୍ରୀ ଟିଏ ସାଜିପାରେନି/ତା ଶାଶୁଘର/ ଲୋକଙ୍କ ନଜରେ (ପୃ -୧୯) ସମାଜ ଯେତେ ଉନ୍ନତିର ଶୀର୍ଷରେ ପହଞ୍ଚିଲେ ମଧ ପ୍ରଚଳିତ ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ଅତ୍ୟାଚାର,ଅବହେଳାରୁ ମୁକୁଳିପାରି ନାହିଁ।ଏଥିପାଇଁ ଆହୁରି ସମୟର ଆବଶ୍ୟକତା ଅନୁଭବ କରି କହନ୍ତି - ' ଫେରାଇ ନିଅ ତୁମ ସମବେଦନା/ ଆହୁରି କିଛି ସମୟ ଦରକାର/ ଲୋକେ ବୁଝିବାକୁ ଯେ/ ନମ୍ରତା ଅର୍ଥ

ଦୁର୍ବଳତା ନୁହେଁ/ କି ଲଜ୍ଜା ପାପ ଢାଙ୍କିବାର ବସ୍ତୁ ନୁହେଁ/ ଶ୍ରଦ୍ଧା ମାଗି ଆଣିବାର ଚିଜ ନୁହେଁ/ କି ଅଧିକାର ଜନ୍ମଗତ ନୁହେଁ(ଦିନେ ଦିନେ) ଅବଶ୍ୟ ନାରୀ ଏବେ ପୂର୍ବାପେକ୍ଷା ଅଧିକ ସଂଖ୍ୟକ ନାରୀ ଶିକ୍ଷିତା ଓ ସ୍ୱାବଲମ୍ବୀ ହୋଇଛନ୍ତି ଏବଂ ସମାଜ ଓ ପରିବାର ର ନିର୍ଯାତନା ସମ୍ପର୍କରେ ସଚେତନ ହୋଇଛନ୍ତି। କବି ସୁନା ଙ୍କ କବିତାରେ ନାରୀ ପ୍ରଚଳିତ ପରମ୍ପରାକୁ ବିରୋଧ କରି କହେ - କାଠ ଫଡ଼ାଏ ଚିରିଦିଅ ବୋଲି/ କେତେଥର କହିଲିଣି/ ଶୁଣୁଚି ନା ନାହିଁ/ ଗୋଡ଼ ହାତ କଣ/ ଚୁଲିରେ ପୂରାଇ/ ଚା କରିବି?(ପୃ- )ନାରୀ ପେଟରେ ଓଦା କନା ଦେଇ ଭୋକ ଶୋଷ ମେଣ୍ଟାଇପାରେ କିନ୍ତୁ ନିଜ ସାମ୍ନାରେ ବାପାଭାଇ ନିନ୍ଦା ସହ୍ୟ କରି ପାରେନି। ସବୁ ଦୁଃଖ କଷ୍ଟ ଚାପି କୁହେ - ମାର/ଯେତେ ପାରୁଛ ସେତେ/ହେଲେ/ ବାପା ମା'କୁ ମୋର / ଗାଳି ଗୁଲଜ କରନା। (ନାରୀ ଟିଏ ପୃ - ୬୦)

ସମାଜରେ କେଉଁ ଆବହମାନ କାଳରୁ ଉଚ୍ଚ ଓ ନୀଚ ବୋଲାଉ ଥିବା ଦୁଇଗୋଟି ଗୋଷ୍ଠୀ ମଣିଷ ସୃଷ୍ଟି କରିଛି। ସର୍ବଦା ଆଭିଜାତ୍ୟ ଗୋଷ୍ଠୀ ଦ୍ୱାରା ନୀଳ ଗୋଷ୍ଠୀର ଲୋକମାନେ ଶୋଷିତ ହୋଇଥାନ୍ତି। ସମାଜର ଏହି ଦଳିତ ଲୋକ ମାନେ ଆଭିଜାତ୍ୟତା ବୋଲାଉଥିବା ଗୋଷ୍ଠୀଙ୍କୁ ବିରୋଧ କରି ଆମେରିକାରେ ବ୍ଲାକ ପାନ୍ଥର୍ ଗୋଷ୍ଠୀ ଓ ଭାରତରେ ଦଳିତ ପାନ୍ଥର ଗୋଷ୍ଠୀ ଆବିର୍ଭାବ

ହୋଇଥିଲା। ସ୍ୱାଧୀନତା ପରଠାରୁ ଏପର୍ଯ୍ୟନ୍ତ ଦଳିତ ମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସରକାର ପରାଂମୁଖ । ଯାହା କିଛି ଯୋଜନା ହେଉଛି ତାହା ବାଟ ମାରଣା ହେଇ ଯାଉଛି। ଅଶିକ୍ଷିତ, ଭକୁଆ ଭାବି ସରକାର ଶିଳ୍ପ ଓ କାରଖାନାର ବିକାଶ ଆଳରେ ଦଳିତ, ଆଦିବାସୀ ମାନଙ୍କ ମୌଳିକ ଅଧିକାରକୁ ଛଡେଇ ନେବାର ପ୍ରଯତ୍ନ କରନ୍ତି। କିଛି ସ୍ୱପ୍ନର ସଉଦା କରି ଜୀବନ ଜୀବିକା ଛଡେଇ ନିଅନ୍ତି। କବିଙ୍କ ମତରେ - କାହିଁକି/ ଲମ୍ବା ଲମ୍ବା ଭାଷଣ ମାରୁଚ/ଇନ୍ଦିରା ଆବାସ,ହି ତଙ୍କିଆର ଚାଉଳ/ବୃଦ୍ଧାବସ୍ଥା ପେନସନ/ ଅବ ଜନନୀ ସୁରକ୍ଷାକୁ ନେଇ/ଏସବୁ ଦରକାର ପଡିନି ଆମକୁ/ ନା ପଡ଼ିବ ଆଗକୁ/ ଦରକାର ପଡେ ଆମ ଡଙ୍ଗର/ ଆମ ଝରଣା, ସଳପ ଗଛ/ଖଜୁରୀ ଗଛ/ ମାଣ୍ଡିଆ ପେଜ/ ଅବା ମାଟି କାନ୍ଥ କୁଡିଆ।(ପଛକୁ ଥରେ ବୁଲି ଦେଖ ପୃ - ୪୩-୪୪) ଯେଉଁ ଅଞ୍ଚଳର ଖଣି ଖାଦାନ,ମାଟି,ପାଣି ନେଇ ସରକାର ପ୍ରଶଂସା ପାଏ, ପୁରସ୍କାର ସାଉଁଟେ ,ରୋଜଗାର କ୍ଷମ ହୁଏ, ଶେଷରେ ସେ ମାଟିକୁ ଭୁଲି ଯାଏ।

ସମ୍ପ୍ରତି ତଥାକଥିତ ଶିକ୍ଷିତ ସମାଜ ଦଳିତ,ଆଦିବାସୀ ସମାଜକୁ ଘୃଣା କରନ୍ତି। ତାଙ୍କ ଜୀବନ ଶୈଳୀକୁ କୁସଂସ୍କାର କହନ୍ତି, ଅନ୍ଧ ବିଶ୍ୱାସ କହନ୍ତି ତାଙ୍କ ପରମ୍ପରା, ଗୁଡ଼ି ପୂଜାକୁ,ଅସଭ୍ୟ କହନ୍ତି ତାଙ୍କ ସଲପ ରସ ପିଇବାକୁ,ମା ଛୁଆକୁ ଶାଢ଼ୀ ଦୋଳିରେ କାଖେଇବାର ଦେଖି। କବି ସୁନା ପ୍ରଚାରକ ବହୁଳ ସମାଜର ନୀତି ଆଦର୍ଶ ଆଦିବାସୀ ଦଳିତ ଙ୍କ ଚିନ୍ତାଧାରା ଠାରୁ କେତେ ନ୍ୟୁନ ଯେ ତାଙ୍କୁ ସେ ବ୍ୟଙ୍ଗୋକ୍ତି ମାଧ୍ୟମରେ ଚେତେଇ ଦେଇଛନ୍ତି। ' ସମାଜ ' କବିତାରେ କହନ୍ତି - ପରମ୍ପରାର କୋରଡାରେ/ ଆମକୁ ଦିଶେ/ ତମ ପିଠିରେ ଗୋଟିଏ କୁଜ/ ନାଁଟା ତାର ସମାଜ।( ପୃ - ୫୬) ସମ୍ପ୍ରତି ସମାଜର ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ଥିବା ଲୋକେ ଆଦିବାସୀଙ୍କ ଆରକ୍ଷଣ ବ୍ୟବସ୍ଥା ଉଠାଇ ଦେବା ପାଇଁ ଆନ୍ଦୋଳନ କରନ୍ତି। ପ୍ରଶ୍ନ କରନ୍ତି - ସ୍ୱାଧୀନତାର ସତୁରୀ ବର୍ଷପରେ ମଧ୍ୟ ଆରକ୍ଷଣର ଆବଶ୍ୟକତା କଣ ରହିଛି ?" କବି ସୁନା ଆରକ୍ଷଣର ଯୁକ୍ତି ଯୁକ୍ତତା ଦର୍ଶାଇବା ପାଇଁ କହନ୍ତି - ଚାଲ.../ଗୋଟିଏ ଓଳି/ ଛେଟନା ଛେଟନା ଗୋବର/ ଫିଙ୍ଗିବା ଚାଲ/ ଗଇଁତି ଧରି/ ଭର ଭାର/ ମାଟି ବୋହିବା ଚାଲ/ ଏତିକି ହେଲେ/ ଚାଲ ଏଥର/ ଆରକ୍ଷଣ ପାଇଁ/ ରାଜଧାନୀର/ ଦୁଆରେ ବସିବା ଚାଲ। (ପୃ - ୮୦)

ସମୟଚେତନା କବିଙ୍କ ଶୋଷ କବିତାର ମୁଖ୍ୟ ବିଭବ।ସମୟ ସର୍ବଦା ଗତିଶୀଳ। ଦୁଃସମୟ ଓ ଯୁଗ ଯନ୍ତ୍ରଣାର ରୂପାୟନ ଓ ସମକାଳର ସ୍ଥିତି ଓ ଦୁଃସ୍ଥିତି ପାଇଁ ଦାୟୀ କେବଳ ସମୟ। କବିଙ୍କ ମତରେ ସତେକି ଗୋଟିଏ ଚରିତ୍ର ,ଗୋଟିଏ ଅଦୃଶ୍ୟ ସତ୍ତା । ମଣିଷ ସମୟର ଦାସ । ମଣିଷ ଯେଉଁଠି ଚାଲୁଥିବା ସମୟର ରହସ୍ୟ ଜାଣି ପାରେନି ସେଥି ଭବିଷ୍ୟତକୁ କେମିତି ନିୟନ୍ତ୍ରଣ କରିବ । ପାଣି, ଖତ, ସାର ଅତି ଯତ୍ନରେ ପାଳିଥିବା ଗଛ ଫଳ ଦେବନା ଫୁଲ ତାହା ମଣିଷର ଆୟତ୍ତରେ ନୁହଁ ଖରା, ବର୍ଷା ସହି ମାଟି ସହ ମାଟି ହୋଇ ଟାଙ୍ଗରା ଭୂଇଁ କୁ ଫସଫସିଆ କରିଥିବା ଜମି ମଧ୍ୟ ଗୋଚର ହୋଇଯାଏ।ପାଣି ଗଳୁଥିବା ଘରେ ପାରା ଶାବକଙ୍କ ପାଇଁ ସଜାଡି ଥିବା ଠେକି ମଧୁ ଅକାମୀ ହୋଇଯାଏ ତାଙ୍କ ଠାରେ ପର ଆସିଯିବା ପରେ। ବାସ୍ତବରେ ମଣିଷ ସମୟର କରାୟତ କେହି କାହାର ନୁହନ୍ତି,ସମସ୍ତେ ନିଜ

ନିଜ କର୍ତ୍ତବ୍ୟରେ କାର୍ଯ୍ୟ ସମାପନ ହେଲେଖସି ଯିବାଏକା ସାର।କବିଙ୍କ "ଭାଗ୍ୟଲିପି ଓ ଭଗ୍ୟଫଳ " କବିତାରେ ଅନୁମେୟ - ଶାବକରେ ଗାତକରି/ ପୋତିଥିଲି ଗଛ/ ଖତ,ସାର,ପାଣି ଢ଼ାଳି/ ଭାବୁଥିଲି ମୋର/ ଧେତ୍ ତେରିକା/ ସେ କଣ ମୋ ଇଚ୍ଛାରେ /ଉପରକୁ ଉଠିବ!/ ଫୁଲ ହେବ/ ଫଳ? ( ଭାଗ୍ୟଲିପି ପୃ - ୭୦)

' କବି ଜୟଦ୍ରଥ ସୁନାଙ୍କ ଶୋଷ କବିତା ସଙ୍କଳନର ' କିର୍ପିନି', ' ସତକୁହ ', ' ପ୍ରେମିକା ', ' ୱର୍କା ', ଭଲ ଲାଗିଥିଲା ', ' ଆଜି ବି ମନେପଡେ ' ଗୋଟିଏ ଗୋଟିଏ ପ୍ରେମ କବିତା। ସାବି, କିର୍ ପିନି କବିତାର ଜଣେ ଜଣେ ନାୟିକା। ଏମାନେ ସହରୀ

ସଭ୍ୟତା ଦ୍ୱାରା ଆକ୍ରାନ୍ତ ନୁହଁନ୍ତି, ଏମାନେ ନିପଟ ମଫସଲର ମହୁଲ ଫୁଲ ଗୋଟାଉ ଥିବା,ରୋଷେଇ ପାଇଁ କାଠ ଯୋଗାଡ଼ କରୁଥିବା,ବିଲରେ ତଳି ରୋଇ ପାରୁଥିବା, କୋଶ କୋଶ ଦୂରରୁ ଗରାରେ ପାଣି ବୋହି ପାରୁଥିବା, ସକାଳେ ହ୍ୱାଟସପ୍ ଫେସବୁକ୍ ବଦଳରେ ଗୋବର ପାଣି ଛିଞ୍ଚୁଥିବା ଜଣେ ଜଣେ ନାରୀ।ତାଙ୍କ ସହ ଆଜୀବନ ସମୟ କାଟିବା ପାଇଁ କଥା ଦିଏ କାବ୍ୟପୁରୁଷ ରେଙ୍ଗଟା, ପ୍ରେମିକା ବି ପୁନେଇଁ ତିଥର ଟୋକି ପର୍ବର ରାତିରେ ନିଜକୁ ରେଙ୍ଗଟା ପାଖେ ସମର୍ପି ଦେବାର କାମନା କରେ । ତଥାପି ବେଳେ ବେଳେ କାବ୍ୟ ନାୟକ ପଚାରି ଦିଏ - ସତକୁହ ହଠାତ୍ ଯଦି ମୋର ମୃତ୍ୟୁ ହୁଏ/ ଦୁଃଖେ ଭାଙ୍ଗି ପଡ଼ିବନି/ ନା ଅତୀତର ପୃଷ୍ଠାସବୁ / ପଛକୁ ଠେଲି/ସେ ପୃଷ୍ଠାରେ ଲେଖିବ/ ଭିନ୍ନ ଏକ ଉପନ୍ୟାସ / ଭିନ୍ନ ପରିଚୟ ନେଇ ( ପୃ - ୧୫) କାବ୍ୟ ନାୟକ ପସନ୍ଦ କରେ ପାହାଡ଼ ତଳ ଗାଁକୁ ବୁଲି ଯିବାକୁ ଯେଉଁଠି ପେଟ ପାଇଁ ମାଟି ସହ ମାଟି ହୋଇଯାଉଥିବା ଲୋକଙ୍କ ପାଖକୁ, ପ୍ରକୃତିର କୋଳକୁ। ଗାଉଁଲି,ଜଂଗଲୀ ବୋଲି ନାକ ଟେକୁଥିବା ପ୍ରେମିକାକୁ ଦେଖାଏ ନଡ଼ା ଛପର ବିହୀନ ପାଣି ଗଳୁଥିବା ଚୁଲି ମୁଣ୍ଡରେ ଓଦା ସରସର ହୋଇ ରୋଷେଇ କରୁଥିବାର ଦୃଶ୍ୟ। ଦେଶ ବିକାଶର ଡିଣ୍ଡିମ ପିଟୁଛି, ତଥାପି ସେହି ଗାଁ, ଅପନ୍ତରା ଅଞ୍ଚଳ ଲୋକଙ୍କ ଜୀବନକୁ ଏଯାଏଁ ଆସିନି ଆଲୋକ ମାଡ଼ି ବସିଛି ଅନ୍ଧକାର।କବି କହନ୍ତି - କଉଠୁ ଏତେ/ ଅନ୍ଧାର ଆସିଲା/ କେଜାନେ/ ମୁଁ ବୁଝି ପାରେନି ସତେ। (ପୃ - ୨୪)

ମାନବ ଚରିତ୍ରର ନବ ମୂଲ୍ୟାୟନ ଘଟିଛି କବି ସୁନାଙ୍କ କବିତାରେ ପ୍ରେମିକ ଆଉ ସ୍ୱାର୍ଥପର ନୁହେଁ, ସେ ଆଉ ଶଠତା, ଛନ୍ଦ କପଟର ବଶବର୍ତ୍ତୀ ନୁହେଁ ପ୍ରେମିକା ପାଗଳ,ବଦମାସ୍, ଚୋର କହିଲେ ବି ପ୍ରେମିକା ପାଇଁ ରାତିସାରା ଉଜାଗର ରହିପାରେ, ନିଧଡ ଶୋଇପାରେ ରାସ୍ତା ମଝିରେ।

ଉତ୍ତର ଆଧୁନିକ କାଳରେ କବି ସହର ଜୀବନରୁ ମୁକ୍ତ ହେବାପାଇଁ ପ୍ରଚେଷ୍ଟା କରୁଛି।ଗାଁ ମାଟି ତାକୁ ଆକୃଷ୍ଟ କରୁଛି। ମାନବିକ ମୂଲ୍ୟବୋଧର ଯେଉଁଠି ସଉଦା ହୁଏ ସେଠାରୁ ସେ ଦୂରେଇ ଯିବା ପାଇଁ ଚେଷ୍ଟିତ। ରାସାୟନିକ ରଙ୍ଗ ବୋଳା ଫ୍ଲାଟ୍ ଆଉ ତାକୁ ଭଲ ଲାଗେନା ଫେରି ଚାହେଁ ନିଜ ଅତୀତକୁ ଫେରି ଚାଲେ ନିଜ ମାଟି,ଚାଲ ,ଛପର କୁଡ଼ିଆକୁ। କବିକୁ ଆଉ ଭଲ ଲାଗେନା ବିରିଆନି, ମଞ୍ଚୁରିଆନ ନିଜ ଅଲକ୍ଷ୍ୟରେ ପହଞ୍ଚି ଯାଏ ଗାଁକୁ ମାର ହାତ ପରସା ପଖାଳ କଂସା ମନେ ପକେଇ ମଣିଷ ଅର୍ଥ ଯୋଗାଡ଼ ଆଶାରେ ରହେ ମାତ୍ର ତାକୁ ଭଲ ଲାଗେନା ସହର ।କବି ଙ୍କ କବିତାରେ ଏକଥା ଅନୁମେୟ - ବର୍ଷ ବର୍ଷ । ରହିଲେ ବି ଏଠି/ ଜମା ଭଲ ଲାଗେନାହିଁ/ କାହିଁକି ନା/ ଏଠି ସମସ୍ତେ ବିବ୍ରତ/ ନିଜ ନିଜ ସ୍ୱାର୍ଥକୁ ନେଇ। X X X ଜମାରୁ ଇଚ୍ଛା ହୁଏନି/ ଏ ହୋଟେଲ ବିରିୟାନି/ ଛାଡ଼ି ମୋର କଂସାଏ ପଖାଳ। (ପୃ-। ୩୧)

ତେଲିଆ ମୁଣ୍ଡରେ ତେଲ ନ୍ୟାୟରେ ଧନୀ ଲୋକ ଧନୀ ହୋଇ ଯାଆନ୍ତି, ସହର ମେଟ୍ରୋ ହୋଇଯାଏ, ଗାଁର ଅବସ୍ଥା ପୂର୍ବରୁ ଯାହାଥିଲା ଏବେବି ସେଇଆ। ଗର୍ଭବତୀ ଖଟିଆ ରେ ବୁହା ହେଉଛି, ଛାତ୍ରଛାତ୍ରୀ ନଦୀ ପାଣି ପହଁରି ସ୍କୁଲ ଯାଉଛନ୍ତି, ଚାଷୀ ଆତ୍ମହତ୍ୟା କରୁଛି। ଶୋଷ ସଙ୍କଳନର ' ଅସ ଥରେ ପଚାରିବା ', ' କୁଡିଆ ', 'ଶୀତ ଆସେ ' ଏହି ଗରିବଦ୍ଧ ର କଥା ପ୍ରକାଶ କରେ। ଶୀତ ଆସେ କବିତାରେ କବି କହନ୍ତି - ହେଇ ଦେଖ | ଆମକୁ ଦରକାର ପଡୁନି/ ସୁଇଟର,ଟୋପି କି ହେଣ୍ଡ ଗ୍ଲୋବ X X X ପୁଙ୍ଗୁଳା ଦେହରେ ଥରେ/ ଆଲିଙ୍ଗନ କଲେ/ ସେ ବି ଖୁସ୍ ହୋଇଯାଏ | ଖୁସ୍ କରାଏ ଆମକୁ। ( ପୃ - ୩୭)

କବି ଜୟଦ୍ରଥ ସୁନା କବିତାରେ ଅନେକ ଆଞ୍ଚଳିକ ଶବ୍ଦର ପ୍ରୟୋଗ କରିଛନ୍ତି ଯେମିତି - କର୍ଜ ( ବାଉଁଶରୁ

ତିଆରି ଏକ ପ୍ରକାର ଖାଦ୍ୟ), ଟୁପୁଲି ( ବାଉଁଶ ରେ ତିଆରି ଛୋଟ ପାତ୍ର), ପତରା ମାରିବା ( ବୁଦାମୂଳ ସଫା କରିବା), ମୁନୁଗା ( ସଜନା), ଖୁଚା ( ମରିଯାଇଥିବା ତଳି ସ୍ଥାନରେ ଆଉ ଏକ ତଳି ରୋଇବା), ବାଙ୍ଗରି, ଛେଟନା ଶବ୍ଦର ବ୍ୟବହାର ହୋଇଛି। କବି ଚୋକି ପର୍ବ, ଡଙ୍ଗର ପୂଜା, ଗୁଡ଼ି ପୂଜା, ଟାକୁ ପର୍ବ,ଝାମି ମଡା, ସେମି ପକା ଆଦି ପର୍ବ ପର୍ବାଣୀ ଓ କବାଡି, ପିଟୁଖେଳ, ବାଡି ଡେଗାନି, ମାଙ୍କଡ ଖେଳ ଆଦି ମଫସଲ ଖେଳର ସୂଚନା ଦେଇଛନ୍ତି।

ପରିଶେଷରେ ଏତିକି କୁହାଯାଇ ପାରେ ଯେ କବି ଜୟଦ୍ରଥ ସୁନା " ଶୋଷ" କବିତା ସଙ୍କଳନରେ ଆଧୁନିକ ମଣିଷର ଓ ଆଦିବାସୀଙ୍କ ଜୀବନ ଜିଜ୍ଞାସା,ଜୀବନ ଶୈଳୀକୁ ଉପସ୍ଥାପନ କରିଛନ୍ତି। ସମୟଚେତନା, ମୃତ୍ତିକା ସମ୍ପ୍ରୀତି, ସହର ପ୍ରତି ବୀତସ୍ପୃହତା, ଦଳିତ ଚେତନା, ପ୍ରେମର ଅର୍ଥକୁ ନୂତନ ଭାବେ ଉତ୍ଥାପନ କରିଛନ୍ତି। ବାସ୍ତବରେ କବିଙ୍କ ଶୋଷ କବିତା କ୍ଲିଷ୍ଟତା ବିହୀନ ଓ ସମାଜର ବାସ୍ତବ ଚିତ୍ର ଉପସ୍ଥାପନ କରିବାରେ ସଫଳ ହୋଇଛି।

■

# 'ଚରୁ ଚୀବର ଓ ଚର୍ଯ୍ୟା'ର ରାଜନର୍ତ୍ତକୀ ବାସବୀ

● କନକ ବର୍ଦ୍ଧନ ସାହୁ



ଗବେଷକ, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ବର୍ତ୍ତମାନକୁ ନିଜ ଭିତରେ ସାଉଁଟି ନେବାରେ ସାହିତ୍ୟ ଯେତେ ସକ୍ଷମ ଅତୀତକୁ ରୂପଦେବାରେ ସେତିକି ସକ୍ଷମ। ଏତିକିରେ ସାହିତ୍ୟ ରହିଲା ନାହିଁ ମାଡ଼ିଚାଲିଲା ଭବିଷ୍ୟତ ଆଡ଼କୁ। କହିଦେଇଗଲା ଅନେକ ଅଜଣାକଥା। ସାହିତ୍ୟ ଏମିତି ଏକ ବିଷୟ ଯେଉଁଥିରେ ସବୁକିଛି ସମ୍ଭବ। ଭର୍ତ୍ତୃହରି 'ବୈରାଗ୍ୟ ଶତକ'ରେ ଲେଖିଛନ୍ତି ଯେ, ସାହିତ୍ୟରେ ଖଣ୍ଡେ ମାଂସପିଣ୍ଡର ସ୍ତନ ସୁବର୍ଣ୍ଣ କଳସ ହୁଏ, କଫ ଲାଳ ଭରିରହିଥିବା ମୁଖକୁ ଚନ୍ଦ୍ର ସହିତ ତୁଳନା କରାଯାଏ, ମୂତ୍ର ସ୍ୱେଦ ଲାଗିଥିବା ଜଙ୍ଘ ହସ୍ତୀର ଶୁଣ୍ଢ ସହିତ ତୁଳନା ହୁଏ। ଯାହା ବାରମ୍ବାର ନିନ୍ଦନୀୟ ତାହା କବି କଳ୍ପନାରେ ବଡ଼ ଏହାହିଁ ବିସ୍ମୟର ବିଷୟ। ସେ ଯାହାହେଉ ଅତୀତର ଘଟଣାକୁ ଆଧାରକରି ବହୁ ସାହିତ୍ୟ ସୃଷ୍ଟିହୋଇଛି। ଇତିହାସ ଆମକୁ ଭବିଷ୍ୟତ ପାଇଁ ବାଟ ଦେଖାଏ, ଭଲମନ୍ଦ ସହିତ ପରିଚୟ କରାଏ। ଇତିହାସ ନିରୋଳା ତଥ୍ୟ ସମ୍ବଳିତ ଏକ ବିଷୟ ଏବଂ ଏଥିରେ ସରସକଥା ନଥାଏ। ଏଣୁ ସାହିତ୍ୟିକଗଣ  ଇତିହାସ ସହିତ କଳ୍ପନାକୁ ଯୋଡ଼ି କିଛିଟା ଶବ୍ଦର ଖେଳ ଖେଳନ୍ତି ଆଉ ତିଆରି ହୁଏ ଐତିହାସିକ ସାହିତ୍ୟ। କିଛିଟା ଘଟଣାର କଳ୍ପନା ଯୋଡ଼ିଦିଆଯାଏ ତ କିଛି ମାନସ ସନ୍ତାନ ସାହିତ୍ୟକୁ ରୋଚକ କରିଦିଅନ୍ତି। ଇତିହାସକୁ ନେଇ ଓଡ଼ିଆ ଭାଷାରେ ଅନେକ ଉପନ୍ୟାସ ଲେଖାହୋଇଛି। ତା' ମଧ୍ୟରୁ ପ୍ରଦୀପ ଦାଶଙ୍କ 'ଚରୁ ଚୀବର ଓ ଚର୍ଯ୍ୟା' ଅନ୍ୟତମ।

'ଚରୁ ଚୀବର ଓ ଚର୍ଯ୍ୟା' ଉପନ୍ୟାସଟି ୨୦୧୮ ମସିହାରେ ପ୍ରଥମେ ବିଦ୍ୟାପୁରୀ, ବାଲୁବଜାର, କଟକଙ୍କଦ୍ୱାରା ପ୍ରକାଶିତ। ୨୦୧୯ ମସିହାରେ ଏହି ଉପନ୍ୟାସ ଇଙ୍ଗା ଗ୍ରୁପଦ୍ୱାରା ପ୍ରଦତ୍ତ 'ଶାରଳା ପୁରସ୍କାର'

ପାଇଥିଲା। ଦୁଇପୃଷ୍ଠାରେ ଔପନ୍ୟାସିକ ପ୍ରଦୀପ ଦାଶ ଏହାର ଭୂମିକା ଲେଖିଛନ୍ତି। ଭୂମିକାକୁ ବାଦ୍ ଦେଇ ସମ୍ପୂର୍ଣ୍ଣ ଉପନ୍ୟାସଟି ଚାରିଶହ ଛବିଶ(୪୨୬) ପୃଷ୍ଠା ମଧ୍ୟରେ ପରିବ୍ୟାପ୍ତ। ରତ୍ନଗିରି ମହାବିହାର ଉପରେ ଡ. ଦେବଳା ମିତ୍ରଙ୍କ ଦୁଇଟି ବୃହତ ଖଣ୍ଡରେ ସମାପ୍ତ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ରିପୋର୍ଟକୁ ପଢ଼ି ସେ ପହଞ୍ଚିଯାଇଥିଲେ ରତ୍ନଗିରିରୁ ଓଡ଼ିଶାର ଭୌମକର ରାଜବଂଶ ନିକଟରେ ବୋଲି ଭୂମିକାରେ ସୂଚନା ଦେଇଛନ୍ତି। ଏହି ଉପନ୍ୟାସରେ ବୌଦ୍ଧଧର୍ମାବଲମ୍ବୀ ଭୌମରାଜାମାନଙ୍କୁ କେନ୍ଦ୍ରକରି ବୌଦ୍ଧ ଧର୍ମର ବିବର୍ତ୍ତିତ ଚିତ୍ର ବର୍ଣ୍ଣିତ। ଗୌତମ ବୁଦ୍ଧ ପ୍ରଣୀତ ସଂଘୀୟ ଜୀବନରେ ଚରୁ ଚୀବର ଓ ଚର୍ଯ୍ୟାଚର୍ଯ୍ୟର ଦୈର୍ଘ୍ୟ ଓ ପ୍ରସ୍ଥ ନିଶ୍ଚିତ ଥିଲା। ମାତ୍ର ଓଡ଼ିଶା ମାଟିରେ ଏହି ତିନୋଟିର ବୈଶିଷ୍ଟ୍ୟ ବାରମ୍ବାର ବଦଳି ଥିଲା ମହାଯାନରୁ ତନ୍ତ୍ରଯାନ, ବଜ୍ରଯାନ, ସହଜଯାନ, କାଳଚକ୍ରଯାନ ପର୍ଯ୍ୟନ୍ତର ଦାର୍ଶନିକ ବିଚାର-ବିମର୍ଶ ମଧ୍ୟରେ। ଏହି ପ୍ରସଙ୍ଗରେ ଭୌମକର ରାଜବଂଶର ଭୂମିକା ଉଲ୍ଲେଖଯୋଗ୍ୟ। ଏହା ସହିତ ରାଜତନ୍ତ୍ର ମଧ୍ୟରେ ଚାଲିଥିବା କ୍ଷମତାଲିପ୍ସା, ବିଦ୍ରୋହ, ପ୍ରତିଷ୍ଠା, ଦିଗବିଜୟ, ପରାଜୟ, ଈର୍ଷା, ହିଂସା, ପ୍ରତିହିଂସା, ଦ୍ୱନ୍ଦ୍ୱ, ବିବାଦ ଓ ଚକ୍ରାନ୍ତ ଏହି ଭୌମରାଜାମାନଙ୍କ ସହିତ ମଧ୍ୟ ଲାଗିରହିଥିଲା। ସର୍ବକାଳିକ ପ୍ରବୃତ୍ତି ପ୍ରେମ, ବିରହ, ତ୍ୟାଗ, ପ୍ରତାରଣା ଓ ପ୍ରବଞ୍ଚନାକୁ ପାଥେୟ କରି ଯେଉଁ ଜୀବନଚିତ୍ର ଏଇ ସମୟରେ ପ୍ରତିଭାତ ସେଗୁଡ଼ିକ ଏହି ଉପନ୍ୟାସରେ ଦେଖିବାକୁ ମିଳେ।

ଉପନ୍ୟାସଟିର ନାମକୁ ନେଇ ପାଠକ ମନରେ ଦ୍ୱନ୍ଦ୍ୱ ଆସିପାରେ ଯେ ,ଏପରି ଏକ ନାମ ପଛରେ କାରଣ କଣ? ତିନୋଟି ଶବ୍ଦର ସମାହାରରେ ଏହି ଉପନ୍ୟାସର ନାଁ ରହିଛି। 'ଚରୁ' କହିଲେ ଏଠାରେ ଖାଦ୍ୟ ଆଉ ଏହି ଖାଦ୍ୟ ପୁଣି ବୌଦ୍ଧଧର୍ମାନୁମୋଦିତ, 'ଚୀବର' କହିଲେ ବୌଦ୍ଧ ଭିକ୍ଷୁମାନଙ୍କ ଏକ ପ୍ରକାର ଗେରୁଆ ବସ୍ତ୍ର ଓ 'ଚର୍ଯ୍ୟା' କହିଲେ ଏହି ଭିକ୍ଷୁମାନଙ୍କ ଦୈନନ୍ଦିନ ଜୀବନର ଆଚାର ବ୍ୟବହାର, ଚାଲି ଚଳଣି। ଉପରୋକ୍ତ ତିନୋଟି ବିଷୟରେ ଏହି ଉପନ୍ୟାସ ସୂଚନା ଦିଏ ଏଣୁ ଏହାର ନାମ 'ଚରୁ ଚୀବର ଓ ଚର୍ଯ୍ୟା'।

ଇତିହାସ ଆଧାରିତ ଏହି ଉପନ୍ୟାସରେ ଭୌମକର ରାଜବଂଶ ମୁଖ୍ୟ ଭୂମିକା ଗ୍ରହଣକରେ। ତତ୍କାଳୀନ ତୋଷାଳିର ଭୌମକର ରାଜବଂଶର ପ୍ରତିଷ୍ଠାତା କ୍ଷେମେଙ୍କର। ତାଙ୍କ ରାଜଧାନୀ ଥିଲା ଗୁହେଶ୍ୱରପାଟକ। ତାଙ୍କ ପୁତ୍ର ଶିବକର ଓ ତଦୀୟ ପୁତ୍ର ଶୁଭକରଙ୍କୁ କେନ୍ଦ୍ରକରି ଉପନ୍ୟାସ ଗତିଶୀଳ। କ୍ଷେମେଙ୍କରଙ୍କ ବିଷୟରେ ବିଶେଷ ବର୍ଣ୍ଣନା ନାହିଁ। ମୂଳ ହେଉଛନ୍ତି ରାଜା ଶିବକର। ତାଙ୍କର ବିବାହ ହୁଏ ରାଢ଼ରାଜକନ୍ୟା ଜୟାଦେବୀଙ୍କ ସହିତ। ଶୁଭକର ପ୍ରେମ ବିବାହ କରନ୍ତି ଏକ ଅମାତ୍ୟ କନ୍ୟା ମାଧବୀ ଦେବୀଙ୍କୁ। ଏହି ରାଜାମାନେ ବୌଦ୍ଧଧର୍ମାବଲମ୍ବୀ। ମାତ୍ର ମାଧବୀ ଦେବୀ ଶୈବ ଉପାସିକା।

ରାଜ ପରିବାର ମଧ୍ୟରେ ଅନେକ ସେବକ ଥିବାର ନଜିର ରହିଛି। ପ୍ରତ୍ୟେକ କାର୍ଯ୍ୟ ନିମିତ୍ତ ଲୋକ ଖଞ୍ଜା ହେଉଥିଲେ। ମନୋରଞ୍ଜନ କରିବା ପାଇଁ ରାଜ ପ୍ରାସାଦରେ ନୃତ୍ୟ ଗୀତର ଆସର ଜମୁଥିଲା। ନୃତ୍ୟ କରିବା ପାଇଁ ତାଲିମପ୍ରାପ୍ତ କୋମଳାଙ୍ଗୀ ଉତ୍ତମ ନର୍ତ୍ତକୀ ନିଯୁକ୍ତ ହେଉଥିଲେ। ଓଡ଼ିଶାର ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ମଧ୍ୟ ମହାପ୍ରଭୁଙ୍କ ନିମନ୍ତେ ଦେବଦାସୀ ନାମରେ ଏକ ନୃତ୍ୟ ପରିବେଷଣ କରାଯାଉଥିଲା। ମାତ୍ର ବର୍ତ୍ତମାନ ତାହା ଆଉ ଦେଖିବାକୁ ମିଳୁନାହିଁ। ସେ ଯାହାହେଉ ରାଜସଭାରେ ଯିଏ ସମସ୍ତଙ୍କ ମନ ମୋହିଲା ଭଳି ନୃତ୍ୟ କରୁଥିଲା ଓ ଯାହାଙ୍କ ଉପରେ ରାଜା ସନ୍ତୁଷ୍ଟ ହେଉଥିଲେ ସେ ରାଜନର୍ତ୍ତକୀର ଆଖ୍ୟା ପାଇ ବିଶେଷ ସମ୍ମାନର ଅଧିକାରୀ ହେଉଥିଲା। ଏମାନେ ମୁଖ୍ୟତଃ ନୃତ୍ୟ ପରିବେଷଣ କରୁଥିଲେ ଏବଂ କେବେକେବେ ରାଜାଙ୍କ ଅନ୍ତଃପୁରର ଶଯ୍ୟାସଙ୍ଗିନୀ ମଧ୍ୟ ହେଉଥିଲେ। ଅନୁରୂପ ଭାବେ ଭୌମକର ରାଜବଂଶରେ ମଧ୍ୟ ଏକ ରାଜନର୍ତ୍ତକୀ ଥିଲା ଯାହାର ନାମ 'ବାସବୀ'। ଉପନ୍ୟାସଟିର ଗତିପଥରେ ଏହି ନର୍ତ୍ତକୀଟିର ଯେଉଁ ଭୂମିକା ରହିଛି ତାହା ଆଲୋଚନାର ବିଷୟ। କନ୍ୟା, ସଖି, ନର୍ତ୍ତକୀ, ଦାସୀ, ମାତା ଇତ୍ୟାଦି ବିଭିନ୍ନ ରୂପରେ ବାସବୀ ନିଜର ଭୂମିକା ନିର୍ବାହ କରିଛି।

ତଥାଗତଙ୍କ ମନ୍ଦିରର ପୂଜକ ଆନନ୍ଦ କାଶ୍ୟପ ଓ ତାଙ୍କ ପତ୍ନୀ ଅଦିତିଙ୍କ ଏକମାତ୍ର କନ୍ୟା ହେଉଛି ବାସବୀ। ପିତାମାତାଙ୍କ ଆଜ୍ଞା ପାଳନ କରିବାରେ ସବୁବେଳେ ତତ୍ପର। ନିଜକୁ ଏକ ସାଧାରଣ ପୂଜକର କନ୍ୟା ଭାବରେ ଦେଖିଛି। ଗୃହ କର୍ମରେ ମାତାଙ୍କୁ ସାହାଯ୍ୟ କରିବାଠାରୁ ପିତାଙ୍କୁ ପୂଜାରେ ସାହାଯ୍ୟ କରିବା ଯାଏଁ ସେ ଥକି ପଡ଼ିନାହିଁ। ଏହି ଭିତରେ ସେ ତଥାଗତଙ୍କ ପରମ ଭକ୍ତ

ପାଳଟି ଯାଇଛି।

ପିଲାବେଳୁ ନୃତ୍ୟ ପ୍ରତି ବେଶ୍ ଆକୃଷ୍ଟ। ଭୌମକର ବଂଶର ରାଜନର୍ତ୍ତକୀ ଦେବଦତ୍ତା ହେଉଛନ୍ତି ତା'ର ନୃତ୍ୟଗୁରୁ। ସରଳ ନିଷ୍କପଟ ମନ। ଦେବଦତ୍ତା ଗୁରୁଙ୍କଠାରୁ ବୌଦ୍ଧ ସାଧକଙ୍କ ଗୁଣ ଗାରିମା ଶୁଣି ସେ ମୁଗ୍ଧ। ତଥାଗତଙ୍କ ନିମିତ୍ତ ମାଳ ଗୁନ୍ଥିବା ତା' ଜୀବନର ଏକ ଅଭିନ୍ନ ଅଙ୍ଗ। ପିତାଙ୍କନକଟରୁ ଭୌମକର ରାଜାଙ୍କର ବୀରଗାଥା ଶୁଣିବାକୁ ଉତ୍ସୁକ। ମାନସ ପଟରେ ନିଜ ଗୁରୁଙ୍କ ପରି ନର୍ତ୍ତକୀଟିଏ ହେବାର ଆବେଗ ପୁରିରହିଛି। ରାଜସଭାକୁ ଯିବାପାଇଁ ଭାରି ଇଚ୍ଛା। ଭୌମ ସିଂହାସନ ଆରୋହଣ କରନ୍ତି ଶିବକର ଦେବ। ମହାରାଣୀ ହୁଅନ୍ତି ଜୟାଦେବୀ। ଘଟଣାକ୍ରମେ ଜୟାଦେବୀ ବାସବୀକୁ ସଖି କରି ନିଅନ୍ତି। ଦୁହିଁଙ୍କ ଭିତରେ ସମ୍ପର୍କ ନିବିଡ଼ ହୁଏ। ବାସବୀ ମନ ଇଚ୍ଛା ରାଜଉଆସକୁ ଯିବାରେ ଆଉ ବାଧାନାହିଁ। ଜଣେ ସଖି ଯେମିତି ଭାବରେ ସଖି ପାଇଁ ବ୍ୟବହାର କରେ, ବାସବୀ ଠିକ ସେମିତି। ସେ ଭୁଲି ଯାଇଛି ଯେ ଭୌମରାଣୀ ଜୟାଦେବୀ ହେଉଛନ୍ତି ତା'ର ସଖି। ସଖା ସଖି ଭିତରେ କୌଣସି ପାର୍ଥକ୍ୟ ନଥାଏ। ଦୁହେଁ ଦୁହିଁଙ୍କ ପାଇଁ ଚିନ୍ତିତ। ସଖି ଓ ନିଜ ମଧ୍ୟରେ ଅଭେଦ କଳ୍ପନା ତାକୁ ଅନେକ ପଥ ଆଗେଇ ନେଇଛି। କାଳକ୍ରମେ ଜୟାଦେବୀ ଗର୍ଭବତୀ ହୁଅନ୍ତି। ବାସବୀ ଏତେ ସରଳ ଯେ ଶେଷରେ ତା' ମାଙ୍କ ନିକଟରେ ଅଳିକରେ ସଖିଙ୍କ ଭଳି ସେ ବି ମା ହୋଇ ସନ୍ତାନ ଜନ୍ମକରିବ।

ରାଜାଙ୍କ ନିକଟରେ ନୃତ୍ୟ ପରିବେଷଣ କରିବା ହେଉଛି ବାସବୀର ଏକ ଶ୍ରେଷ୍ଠ ଇଚ୍ଛା। ସେ ମଧ୍ୟ ତା' ଗୁରୁମା ଭଳି ରାଜ ନର୍ତ୍ତକୀ ହେବ। ଶିବକରଙ୍କ ପ୍ରତି ବାସବୀ ମନରେ ଅନେକ ସମ୍ମାନ। ତଥାଗତ ବା ଭଗବାନଙ୍କ ଭଳି ଭକ୍ତିକରେ ରାଜାଙ୍କୁ। ତାଙ୍କର ସାନ୍ନିଧ୍ୟ ପାଇବା ପାଇଁ ବ୍ୟାକୁଳ ହୋଇଉଠେ ବେଳେବେଳେ। ତାକୁ ଅଶୋକ ଭଲ ଲାଗନ୍ତି ନାହିଁ, କାରଣ ସିଏ ରକ୍ତର ନଦୀ ବୁହାଇଥିଲେ। ତାକୁ ଭଲ ଲାଗନ୍ତି ଖାରବେଳ। ଏଇ ଭିତରେ କେତେବେଳେ ରାଜା ଶିବକର ଦେବଙ୍କୁ ମନଦେଇ ସାରିଛି ସେ ବି ଜାଣିନି। କାମଦେବଙ୍କ ଭଳି ଶୋଭାଯୁକ୍ତ ରାଜା ତାକୁ ଭିତରେ ଭିତରେ ଘାଇଲା କରିଛନ୍ତି। ମାତ୍ର ମୁହଁ ଫିଟେଇ କହିପାରେନାହିଁ। ସଖିଙ୍କ ଘର ଭାଙ୍ଗିଯିବ। ରାଜାଙ୍କ ସ୍ପର୍ଶ ପାଇଲେ ତା ଜୀବନ ଧନ୍ୟ ହୋଇଯିବ ଏଇ ଭାବନା ଭିତରେ ଅନେକ ପଥ ଅତିକ୍ରମ କରି ସାରିଛି। ଯାହାହେଉ ଯେଉଁ ବାଟରେ ହେଉ ଈଶ୍ୱର ତା ଡାକ ସତେ ଯେମିତି ଶୁଣିଲେ। ଶିବକର ଦେବ ଏକ ଉନ୍ମତ୍ତ ସିଂହକୁ ମାରି ଅତି ମାତ୍ରାରେ ଘାଇଲା ହେଲେ। ତାଙ୍କ ଶରୀରରେ ସିଂହକୁ ମାରିଲା ବେଳେ ବ୍ୟବହାର କରାଯାଇଥିବା ବିଷ ଲାଗି ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ।

ରାଜବୈଦ୍ୟଙ୍କ ସୂଚନା ଅନୁସାରେ ଜଣେ ଅନୂଢ଼ା କନ୍ୟା ଏକାକୀ ରାଜାଙ୍କୁ ଔଷଧ ଲେପ ଦେଲେ ରାଜା ଆରୋଗ୍ୟ ଲାଭ କରିବେ। ବାସବୀ ଜୀବନରେ ଏହା ଏକ ମୋଡ଼ ଆଣିଦେଲା। ପିତାଙ୍କ ନିର୍ଦ୍ଦେଶରେ ରାଜାଙ୍କ ସେବା ପାଇଁ ଗଲା। ମନରେ ଈଶ୍ୱରଙ୍କୁ ବାରମ୍ବାର ଡାକୁଥାଏ ରାଜା ଯେମିତି ଭଲ ହୋଇ ଯାଆନ୍ତି। ଅନେକ ସମୟ ଗଲାପରେ ଏକ ଦିବ୍ୟ ପୁରୁଷ ଦୁଇଟି ଫଳ ଦେଲେ ଗୋଟିଏ ରାଜା ଓ ଅନ୍ୟଟି ବାସବୀ ଖାଇବା ପାଇଁ। ରାଜା ସୁସ୍ଥ ହୋଇଗଲେ। ଏକ ଉନ୍ମତ୍ତ ସିଂହକୁ ମାରିଥିବାରୁ ଶିବକର ସେଦିନୁ ଉନ୍ମତ୍ତସିଂହ ବା ଉନ୍ମତ୍ତକେଶରୀ ନାମରେ ପରିଚିତ। ବାସବୀର ସେବା ଯୋଗୁଁ ରାଜା ସୁସ୍ଥ ହୋଇଥିବାରୁ ବାସବୀ ଅନେକ ସମ୍ମାନର ଅଧିକାରିଣୀ ହେଲେ। ତା ପରିବାରରେ ସୁଖ ସମୃଦ୍ଧି ଆସିଲା।

ଏହାରି ଭିତରେ ମହାରାଣୀ ଜୟାଦେବୀ ଜଣେ ବୌଦ୍ଧ ଭିକ୍ଷୁ ପ୍ରାଜ୍ଞଙ୍କ ସଂସ୍ପର୍ଶରେ ଆସନ୍ତି। ସେ ରାଣୀଙ୍କ ପୂର୍ବ ପରିଚିତ। ପ୍ରାଜ୍ଞଙ୍କ ସହିତ ଆଗରୁ ଜୟାଦେବୀଙ୍କ ବିବାହ ସ୍ଥିର ହୋଇଥିଲା। ମାତ୍ର ପ୍ରାଜ୍ଞଙ୍କ ଅସ୍ୱଷ୍ଟ ଉତ୍ତର ଯୋଗୁ ବିବାହ ହୋଇପାରିଲା ନାହିଁ। ବର୍ତ୍ତମାନ ରାଣୀ ଜୟାଦେବୀ ପ୍ରାଜ୍ଞଙ୍କ ପ୍ରତି ଆକୃଷ୍ଟ। ସମୟକ୍ରମେ ସେ ମହାବିହାରରେ ରହିବାକୁ ଚାହିଁଲେ। ସେଠାରେ ପ୍ରାଜ୍ଞ ଆଚାର୍ଯ୍ୟ ରୂପେ ନିଯୁକ୍ତି ପାଇଥିଲେ। ସାଙ୍ଗରେ ବାସବୀ ରାଜନର୍ତ୍ତକୀ ରୂପେ ରାଣୀଙ୍କ ସହିତ ରହିଲେ। ବୌଦ୍ଧ ଧର୍ମରେ ତନ୍ତ୍ରଯାନ ଆସିବା ପରେ ଯେଉଁ ସାଧନା ଚାଳିଲା ତାର ଏକ ଚିତ୍ର ଏଠାରେ ଦେଖିବାକୁ ମିଳେ। ରାଣୀ ଜୟାଦେବୀ ଓ ପ୍ରାଜ୍ଞ ଉଭୟେ ସାଧନା କରିବାକୁ ସ୍ଥିରକଲେ। ସେ ସାଧନା ପୁଣି ପଞ୍ଚ-କାର ସାଧନା। ଏହାକୁ ଦେଖି ବାସବୀମନରେ ଜୟାଦେବୀଙ୍କ ପ୍ରତି ଏକ ସନ୍ଦେହ ସୃଷ୍ଟି ହେଲା। ରାଣୀଙ୍କ ଏ ବ୍ୟବହାର ରାଜାଙ୍କ ପ୍ରତି ବିଶ୍ୱାସଘାତ ବୋଲି ବିଚାର କଲା। ରାଜାଙ୍କ ପ୍ରତି ତା ମନରେ ସ୍ନେହ ଶ୍ରଦ୍ଧା ଭଲପାଇବା ଆହୁରି ବଢ଼ିଗଲା।

ପରିଶେଷରେ ରାଜା ରାଣୀଙ୍କ ପ୍ରାଜ୍ଞ ସହିତ ସମ୍ପର୍କ ବିଷୟ ଜାଣିପାରିଲେ। ଦାକ୍ଷିଣାତ୍ୟ ଯୁଦ୍ଧ ବେଳେ ରାଣୀ ଓ ପ୍ରାଜ୍ଞ ଗୃହତ୍ୟାଗ କରିବା ପାଇଁ ନିଷ୍ପତ୍ତି ନେଲେ। ଏହା ଜାଣି ରାଜା ମହାମନ୍ତ୍ରୀଙ୍କ ସହିତ ମିଶି ଏକ ମନ୍ତ୍ରଣା କରି 'ଗଣ୍ଡବ୍ୟୂହ' ନାମକ ବୌଦ୍ଧଗ୍ରନ୍ଥ ପ୍ରାଜ୍ଞଙ୍କ ହସ୍ତରେ ଚୀନ ରାଜାଙ୍କୁ ପଠେଇଲେ। ଏପଟେ ରାଣୀ ସଂସାର ତ୍ୟାଗ କରିବା ପାଇଁ ଆଜ୍ଞା ନେବାକୁ ପିତାଘର ଯାଇଥାନ୍ତି। ଫେରି ଆସିଲା ପରେ ପ୍ରାଜ୍ଞଙ୍କୁ ନ ପାଇ ଭାରି ବିକଳ ହେଲେ। ରାଣୀଙ୍କୁ ରାଜ ଉଆସରେ ବନ୍ଦୀ ଭଳି ରଖାଗଲା। ମାତ୍ର ଶୁଭକରଙ୍କ ପତ୍ନୀ ମାଧବୀ ଦେବୀଙ୍କ ପାଇଁ ସେ ଘର ଛାଡ଼ି କେଉଁଆଡ଼େ ଚାଲିଗଲେ ତାହାର କୌଣସି ଖବର ନାହିଁ।

ରାଜା ରାଣୀଙ୍କୁ ବହୁତ ଭଲ ପାଉଥିଲେ ଏଣୁ ତାଙ୍କୁ ନପାଇ ସେ ସେହି ମହାବିହାରରେ ହିଁ ରହିଗଲେ। ତାଙ୍କୁ ଦେଖି ବାସବୀ ଅତ୍ୟନ୍ତ ଦୁଃଖିତ। ଧିରେ ଧିରେ ରାଜାଙ୍କ ନିକଟବର୍ତ୍ତୀ ହୋଇଛି ବାସବୀ। ଶିବକର ମଧ୍ୟ ବାସବୀ କୋଳରେ ଆଶ୍ରୟ ନେଇଛନ୍ତି। ସମସ୍ତ ଯନ୍ତ୍ରଣାରୁ ଶିବକରଙ୍କୁ ମୁକ୍ତ କରି ଅମୃତର ଆସ୍ୱାଦନ କରେଇଛି ବାସବୀ। ରାଜନର୍ତ୍ତକୀ ବାସବୀ ବର୍ତ୍ତମାନ ଶିବକର ଦେବଙ୍କ ପତ୍ନୀ। ଦୁହିଁଙ୍କର ପ୍ରେମର ଏକ ମୂର୍ତ୍ତିମନ୍ତ ଫଳ ହେଉଛି କନ୍ୟା 'ମଧୁରା'। ମଧୁର ପ୍ରେମ ଓ ଭାବରୁ ତା'ର ଜନ୍ମ ଏଣୁ ତା' ନାଁ ମଧୁରା ବୋଲି ରାଜା ଶିବକର ନାଁ ଦେଇଥିଲେ। ଉପନ୍ୟାସଟିରେ ବାସବୀ କେତେବେଳେ କାହାର କନ୍ୟା ହୋଇ କର୍ତ୍ତବ୍ୟରେ ଅବହେଳା କରିନାହିଁ, ତ କେତେବେଳେ ଜୟାଦେବୀଙ୍କ ସଖି ରୂପେ କର୍ତ୍ତବ୍ୟ ପାଳନକୁ ଭୁଲିନାହିଁ। ରାଜନର୍ତ୍ତକୀ ଓ ଦାସୀରୂପେ ନିଜକୁ ରାଜା ଓ ରାଜ୍ୟ ଲୋକଙ୍କ ନିକଟରେ ସମର୍ପଣ କରିଦେଇଥିଲା। ସେଥିରେ ସେ ଯେଉଁ ଖୁସି ପାଉଥିଲା ତା'ଠାରୁ ଶତେଗୁଣ ବଳିଗଲା ଶିବକରଙ୍କ ଔରସରୁ ମାତା ହେବାର ସୌଭାଗ୍ୟ ଲାଭକରିବା। ରାଜପ୍ରାସାଦର ଚାକଚକ୍ୟ ବିଳାସମୟ ଜୀବନଠାରୁ ଏ ସାଧାରଣ ଲୋକ ଜୀବନ ଯେ କେତେ ଉତ୍କୃଷ୍ଟ ତାହା ବାସବୀ ଛଡ଼ା ଅନ୍ୟ କେହି ହୁଏତ ପ୍ରାଞ୍ଜଳ ଭାବେ କହି ନପାରେ।

ଶିବକରଦେବ ମଧୁରାର ଭବିଷ୍ୟତ ଜୀବନ ବିଷୟରେ ଚିନ୍ତାକରି ବିଷାଦଗ୍ରସ୍ତ। ବାସବୀ ଜଣେ ସୁଗୃହିଣୀ ପରି ସେ ବିଷାଦକୁ ପୋଛି ଦେବାକୁ ଚେଷ୍ଟା କରିଛି। ଶିବକରଙ୍କ ଔରସରୁ ଜନ୍ମିତ ଜଣେ ଭୌମ ରାଜସିଂହାସନରେ ଅଧିଷ୍ଠିତ ତ ଆଉ ଜଣେ ନିସ୍ୱ। ମାତ୍ର ବାସବୀ ତା' କନ୍ୟା ପାଇଁ ଏକ ସାଧାରଣ ଜୀବନ ଚାହୁଁଥିଲା ଯାହା ସ୍ନେହ, ପ୍ରେମ, ଆନ୍ତରିକତାରେ ପରିପୂର୍ଣ୍ଣ। ଜଣେ ସାଧାରଣ ଗୃହରେ ପତିପତ୍ନୀ ଯେପରି ଆଲୋଚନା କରନ୍ତି ଏଠି ଠିକ ସେପରି ହେଇଯାଇଛନ୍ତି ଭୌମ ନରେଶ ଶିବକରଦେବ ଓ ରାଜନର୍ତ୍ତକୀ ବାସବୀ। ବାସବୀ କହେ-"ଶିବକରଦେବ ଆଉ ଭୌମ ନରେଶ ନୁହନ୍ତି କିମ୍ବା ମଧୁରା ମଧ୍ୟ ରାଜକନ୍ୟା ନୁହେଁ। କୌଣସି ପଦ-ପଦବୀ ଅନାବଶ୍ୟକ ମହାରାଜ। କେବଳ କ'ଣ ରାଜ-ପରିଚୟ ହିଁ ପରିଚୟ? ଆଉ କୌଣସି ପରିଚୟରେ ସନ୍ତାନ ପରିଚିତ ହୋଇ ପାରିବେନି? ମୋ ମତରେ ଏହା ଆପଣଙ୍କର ଏହା ଏକ ମୋହଗ୍ରସ୍ତ ଚିନ୍ତାଧାରା। ରାଜା ନୁହେଁ, ମନ୍ତ୍ରୀ ନୁହେଁ କିମ୍ବା ସେନାପତି ନୁହେଁ। ମୋ ସନ୍ତାନର ବାପା ଜଣେ ସାଧକ କେବଳ। ଜଣେ ଉଚ୍ଚମାନର ମଣିଷ। ବାସ୍, ନିତିଦିନିଆ ଜୀବନରେ ଜିଇଁବା ଓ ଜୀଆଁଇବାର ସମସ୍ତ ବୈଶିଷ୍ଟ୍ୟ ରହିଛି ସେ ପିତୃତ୍ୱରେ"। ସନ୍ତାନର ଲାଳନ ପାଳନ କେମିତି କରାଯିବ ସେ ବିଷୟରେ ବାସବୀ ବେଶ୍ ସଚେତନ। ସନ୍ତାନ ପାଳନ ପାଇଁ ରାଜତନ୍ତ୍ରର ସୁବିଧାର ଆବଶ୍ୟକତା ନାହିଁ, ପ୍ରାଚୁର୍ଯ୍ୟର ଆବଶ୍ୟକତା ନାହିଁ, ଆବଶ୍ୟକତା ଅଛି ମମତାର। ଶୈଶବରୁ ଜୀବନର କଠିନ ବାସ୍ତବତା ସମ୍ପର୍କରେ ଆସିଲେ ଯୁଝିବାର କ୍ଷମତା ମିଳେ। ଯେଉଁଥିରୁ ଜଣେ ଶକ୍ତି ଆହରଣ କରିବ। ବଞ୍ଚିରହିବା ଯେ କେଡ଼େ ସଂଘର୍ଷମୟ ସେ ଧାରଣା ରାଜମହଲରେ ମିଳେ ନାହିଁ। ଈପ୍ସିତ ବସ୍ତୁଟି ସବୁବେଳେ ହାତ ପାହାନ୍ତାରେ ମିଳୁଥିଲେ ମଣିଷ ଆଉ ପରିଶ୍ରମୀ ହୋଇପାରେନାହିଁ। ଆଳସ୍ୟ ତାକୁ ଶ୍ରମକାତର କରିଦିଏ। ଏଣୁ ବାସବୀ ତା' ସନ୍ତାନ ପାଇଁ ଏ ସାଧାରଣ ଜୀବନଧାରା ଚୟନ କରିଛି। ଶିବକରଦେବ ମଧୁରା ପାଇଁ ରାଜପରିବାରର ଯେଉଁ କଥା ଭାବୁଛନ୍ତି ବାସବୀ ସେଇ ରାଜପରିବାର ମଧ୍ୟରେ ଚାଲିଥିବା ହିଂସା, ପ୍ରତିହିଂସା, ଆନ୍ତରିକତା ଶୂନ୍ୟ, କ୍ଷମତା ନିମିତ୍ତ ଅତି ହୀନ ସ୍ତରକୁ ଗତିକରିବା ଇତ୍ୟାଦି ବିଷୟରେ ସଚେତନ ହୋଇ ତା'ଠାରୁ ଦୂରେଇ ଯାଇଛି।

ବାସବୀ ଚାହୁଁଥିଲା ବୌଦ୍ଧ ଚର୍ଯ୍ୟାରେ ସେ ଜଣେ ସାଧନା ସଙ୍ଗିନୀ ହେବା ପାଇଁ। ମାତ୍ର ସେ କେବଳ ସଙ୍ଗିନୀ ହେଲା ଶିବକରଦେବଙ୍କ। କାରଣ ଦୁଃଖରେ ରହି, କାମନାକୁ ଯଥାଯଥ ଭାବେ ନଜାଣି, ନବୁଝି ବିନାଶ କରିବା କଥା ମଧ୍ୟମ ମାର୍ଗରେ ଅସମ୍ଭବ ବୋଲି ବାସବୀ

ଅନୁଭବ କରିଛି। ବାସବୀ କହିଛି ରାଜାଙ୍କୁ "ହୁଏତ ଦୃଢ଼ମନ ନେଇ ସାମୟିକ ବା ଦୀର୍ଘ ସମୟ ପାଇଁ କାମନାକୁ ଏଡ଼ି ଆମେ ସାଧନା ପଥରେ ଆଗେଇବାର ବ୍ରତ ନେଇପାରୁ। ମାତ୍ର ସେ ପଥରୁ ଆମ ଅତୃପ୍ତି ଆମକୁ ବିପଥଗାମୀ କରିବାର ସର୍ବକାଳିକ ସମ୍ଭାବନା ଅଛି। ସେଥିପାଇଁ କାମନାର ପଥରେ ହିଁ ଆମେ ଅଗ୍ରସର। ଏଇ ପଥରେ ଆମେ ଯେଉଁ ସୁଖ, ଶ୍ରଦ୍ଧା, ଶାନ୍ତି ଓ ଆନନ୍ଦ ପାଉଛୁ- ଏହା କ'ଣ ଅସତ୍ୟ? ଏହି ଅନୁଭବ ଅଳୀକ ହେଲେ ମଧ୍ୟ ଆମ ଚିତ୍ତରେ ତା'ର ଯଥେଷ୍ଟ ପ୍ରଭାବ ରହିଛି। ଆମେ ଏଣିକି ସୁସଂହତ ଓ ପୂର୍ବାପେକ୍ଷା ଅନେକ ସୁଖୀ"। ଏ ସୁଖ ପାଇଁ ବାସବୀ କେବଳ ସଙ୍ଗିନୀ ହୋଇ, କେବଳ ଏକ ପତ୍ନୀ ହୋଇରହିଗଲା। ନିର୍ବାଣଦ୍ୱାରା ଜନ୍ମ-ମୃତ୍ୟୁର ଚକ୍ରରୁ ମୁକ୍ତି ମିଳିଯାଇପାରେ ମାତ୍ର କିଶୋର ଅବସ୍ଥାରୁ ରାଜାଙ୍କୁ ନେଇ ବାସବୀ ଭିତରେ ଯେଉଁ ଅଜସ୍ର ସ୍ୱପ୍ନ ଅଙ୍କୁରି ଥିଲା ତାହା ସ୍ୱପ୍ନ ହେଇ ରହିଯାଇଥାନ୍ତା। ଆଉ ସେଇ ସ୍ୱପ୍ନକୁ ନିଜ ଭିତରେ ସାଇତି ରଖି ନିର୍ବାଣ କାମନା କେବେ ବି ସମ୍ଭବ ନୁହେଁ। ଏଣୁ ବାସବୀ ତା' ସନ୍ତାନର ବାପାକୁ ଚାହେଁ, ତା' ମନର ମଣିଷଙ୍କ ସାନିଧ୍ୟକୁ ଚାହେଁ, ନିର୍ବାଣକୁ ନୁହେଁ। ଏଥିପାଇଁ ଧରାପୃଷ୍ଠକୁ ବାରମ୍ବାର ଆସିବାକୁ ବାସବୀର ଭୟ ନାହିଁ। ତା' ପାଇଁ ତା' ପତ୍ନୀବ୍ରତ ନିକଟରେ ନିର୍ବାଣ ଅତି ନଗଣ୍ୟ।

ବୁଦ୍ଧ ଅନେକ ସାଧନା କଳାପରେ ସେ ମଧ୍ୟମ ମାର୍ଗକୁ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅର୍ଥାତ ଅଧିକ କଷ୍ଟରେ ବା ଅଧିକ ସୁଖରେ ସାଧନା ସମ୍ଭବ ନୁହେଁ। ବାସବୀ ନିଜ ଜୀବନରେ ତାକୁ ଅନୁସରଣ କରିଛି। ଏ ମଧ୍ୟମ ମାର୍ଗର ଏକ ରୂପ ଗୃହସ୍ଥ ହୋଇପାରେ। ଯେଉଁଥିରେ ସୁଖ-ଦୁଃଖ, ଭଲ-ମନ୍ଦ, ହସ-କାନ୍ଦ, ପର-ଆପଣା ଇତ୍ୟାଦି ଯୁଗ୍ମତତ୍ତ୍ୱ ଛନ୍ଦାଛନ୍ଦି ହୋଇ ରହିଛି। ଜଣେ ସାଧାରଣ ପୂଜକର କନ୍ୟାଠାରୁ ଶିବକରଦେବଙ୍କ ପତ୍ନୀ ପର୍ଯ୍ୟନ୍ତର ଯାତ୍ରାରେ ବାସବୀ ଏକ ମହନୀୟ ଚରିତ୍ର। ଉପନ୍ୟାସରେ ଗତିପଥରେ ସେ ଏକ ଅପରିହାର୍ଯ୍ୟ ଚରିତ୍ର ହୋଇଉଠେ। ମାତ୍ର ଏହି ବାସବୀର ଐତିହାସିକତାର ପ୍ରମାଣ ମୋ ପାଖରେ ନାହିଁ।

ସହାୟକ ଗ୍ରନ୍ଥସୂଚୀ


୧. ଆଚାର୍ଯ୍ୟ ପ୍ୟାରୀମୋହନ (ସଂ. ସେକ୍ ମତଲୁବ୍ ଅଲୀ); ଓଡ଼ିଶାର ଇତିହାସ; ବିନୋଦ ବିହାରୀ, କଟକ, ଓଡ଼ିଶା ବୁକଷ୍ଟୋର; ୩ୟ ସଂସ୍କରଣ, ୨୦୨୦।

୨. ଦାଶ ପ୍ରଦୀପ; ଚରୁ ଚୀବର ଓ ଚର୍ଯ୍ୟା; ବାଲୁବଜାର,କଟକ, ବିଦ୍ୟାପୁରୀ; ୧ମ ପ୍ରକାଶ, ୨୦୧୮।

୩. ମହତାବ ହରେକୃଷ୍ଣ; ଓଡ଼ିଶା ଇତିହାସ(ପ୍ରଥମ ଖଣ୍ଡ); ବିହାରୀବାଗ,କଟକ, ଡକ୍ଟର ହରେକୃଷ୍ଣ ମହତାବ ଫାଉଣ୍ଡେସନ୍; ୫ମ ସଂସ୍କରଣ, ୨୦୧୪।

୪. ସାହୁ ଯଜ୍ଞକୁମାର; ଓଡ଼ିଶା ଇତିହାସ(ପ୍ରଥମ ଭାଗ); ବିନୋଦ ବିହାରୀ, କଟକ, ନାଳନ୍ଦା।


■

ତାରୁଣ୍ୟର ନୂଆ ନାଦ

# ନିନାଦ

# ନବ ପ୍ରଜନ୍ମର ଦୁଇ ତାରକା : ଗୌରୀ ଓ ଶ୍ରୀସିକ୍ତା

● ବିକେଶ ସାହୁ



ପ୍ରତିଷ୍ଠାତା - ସଂପାଦକ, ବାଗୀଶ
ନୂଆବଜାର, କଟକ

କବିତା ହେଉଛି ଏକ ସୂକ୍ଷ୍ମକଳା । ତା'କୁ ଆୟତ୍ତ କରି ଜଣେ କୁଶଳୀ ଶିଳ୍ପୀ ହେବା ସମସ୍ତଙ୍କ ଭାଗ୍ୟରେ ନ ଥାଏ । ତେଣୁ କବିତା ରଚିବା ଆଉ କବିତା ଗଢ଼ିବା ଭିତରେ ପାର୍ଥକ୍ୟ ଅଛି । ସାଧାରଣତଃ କବିତା ଯେକେହି ଗଢ଼ିଦେଇପାରିବେ, କିନ୍ତୁ ରଚିବା ସମସ୍ତଙ୍କ ଦ୍ୱାରା ସମ୍ଭବ ନୁହେଁ । ତେଣୁ କରି ତ କବିତା ରଚିବା ଏକ ବିଭୁଦତ୍ତ ପ୍ରତିଭା ।

ଆଜି ମୁଁ ଯେଉଁ ଦୁଇ ଜଣଙ୍କ କଥା ଆପଣମାନଙ୍କୁ କହିବାକୁ ଆସିଛି ସେମାନେ କବିତା ଗଢନ୍ତି ନି, ରଚନ୍ତି। ଅବଶ୍ୟ ସେମାନଙ୍କୁ ପରିଚିତ କରେଇବାର କୌଣସି ଆବଶ୍ୟକତା ନାହିଁ । ସେମାନେ ଆଜି ପାଠକମହଲରେ ସୁପରିଚିତ ତାଙ୍କ କବିତା ରଚନାର ନିଆରା ଅନ୍ଦାଜ ପାଇଁ। ଆଉ ତା'ଠୁ ବେଶୀ ତାଙ୍କ କବିତା ଅବୃତ୍ତିର ନୂଆପଣ ପାଇଁ । ଅବଶ୍ୟ ଆପଣମାନେ ଆଗରୁ ସେମାନଙ୍କୁ କୌଣସି ନା କୌଣସି ମଞ୍ଚରେ ଭେଟି ସାରିଥିବେ । ତେବେ ଆଜି ପୁଣିଥରେ ଭେଟନ୍ତୁ ସେ ଦୁହିଁଙ୍କୁ । ସେମାନଙ୍କୁ ଯେତେ ପଢ଼ିଲେ, ଯେତେ ଶୁଣିଲେ ନୂଆ ଲାଗେ - ଏ କଥା ମୁଁ ନୁହେଁ ଆପଣମାନେ କହିବେ ।

ଚଳିତ ସଂଖ୍ୟାର 'ତାରୁଣ୍ୟର ନୂଆ ନାଦ: ନିନାଦ'ରେ ଭେଟନ୍ତୁ କବି ଗୌରୀ ସାହୁଙ୍କ କବିତା 'କାନଫୁଲ' ଓ କବି ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକଙ୍କ କବିତା '**ଲେଉଟାଣି**' । ମୋର ବିଶ୍ୱାସ ଉଭୟ କବିତାର ବାସ୍ନା ଆଗାମୀ ନୂଆବର୍ଷ ଯାଏଁ ଚହଟୁ ଥିବ ।

ପରବର୍ତ୍ତୀ ପୃଷ୍ଠାରେ ଉଭୟ କବିଙ୍କ କବିତା ଓ ସଂକ୍ଷିପ୍ତ ପରିଚୟ ଉପସ୍ଥାପନ କରାଗଲା ।

# କାନଫୁଲ

● ଗୌରୀ ସାହୁ

ଶୁଣ କେଉଁଠି ଅଛ,
ଆଜିକୁ ତିନିଦିନ ହେଲାଣି ଲକ୍ଷ୍ମୀନାରାୟଣ ମଉଛବ
ଏଥର ତୁମେ ଆସୁଛତ ?
ନା ମୋତେ ଝୋଟିପକା ଶିଖେଇଦେଇ
ଆଉ କାହା ଝୋଟିପକା କାନ୍ଥରେ ଆଉଜି ବସିଛ !

ମନେ ଅଛି ତ ତୁମର
ସେଦିନ ମୋ କାନଫୁଲରୁ ହଳେ
ମେଳାରେ ହଜେଇ ଥିଲି,
ହେଲେ ଥରେ ବି ଖୋଜିନି..
ତୁମେ ଯେ ମନ ହଜେଇ ବେଖିଆଲ୍ ହସୁଥିଲ,
ବିନା ଡେଣାରେ ବି ଆକାଶରୁ ଖୁବ୍ ଉର୍ଦ୍ଧରେ ଉଡୁଥିଲ
ଆଉ କାନଫୁଲଟିଏ ଖୋଜିବାକୁ
ମୋତେ ଲାଜ ମାଡ଼ିବନି ?

ଏଇ ଦେଖ ତୁମ ଭାବନାରେ
ଆଜି ପୁଣି ପୋଡ଼ିଲି ଚାହା
ଘର ସାରା ପୋଡ଼ା ଗନ୍ଧ,
ସତ କହିଲ;
ତୁମେ କଣ କେବେ ମୋ ଅନ୍ୟମନସ୍କତାରେ
ଏମିତି ଭୁଲନି ଭଲମନ୍ଦ !

ଜାଣେ, ତୁମ ବାଲକୋନୀରେ
ଏବେ କୃଷ୍ଣଚୂଡ଼ାର ରଙ୍ଗ,
ଅଗଣାରେ ବସନ୍ତର ଆଗମନ,
ଘରସାରା ପ୍ରେମ ରଙ୍ଗର ପବନ,
ତୁମ ଶୋଇବା ଘରେ
ପୁନେଇଁର ଜହ୍ନ,

କିନ୍ତୁ ଜାଣ; ସେଇ ସେବେଠୁ ତ
ମୋ ସହରେ ସବୁ କିଛି ରଙ୍ଗହୀନ

ଏବେ ଆକାଶରେ ଜହ୍ନ ଆସୁ
କି ହେଉ ଅମାବାସ୍ୟା ରାତି
ମୋ ମରୁଭୂମି ସେପାଖ ବଗିଚାରେ
ଫୁଲ ସବୁ ନାଲି ଫୁଟୁ କି ଗୋଲାପି,
କଣ ଫରକ୍ ପଡ଼େ ଯେ !
ତୁମେ ଯିବା ପରଠୁ ତ
ମୋର ସଞ୍ଜ ସବୁ ଉଦାସ
ବାରମାସ କବିତାର ଦିବସ

ତୁମେ ଜାଣ ଅପେକ୍ଷାର ବି ରଙ୍ଗ ଅଛି,
ଏଇ ଦେଖୁନ ମୁଁ ଦେହସାରା
ମାଖି ହୋଇ ବସିଛି..
ତୁମେ ଫେର ଅବା ନ ଫେର;
ମୋ ଗାଁ ମୁଣ୍ଡ ମନ୍ଦିରରେ
ତୁମ ପ୍ରତୀକ୍ଷାର ସଞ୍ଜବତୀଟିଏ
ଆଜିବି ଦିକିଦିକି ହୋଇ ଜଳୁଛି ।



● ବଡ଼ବନସ୍ତା, ଭଣ୍ଡାରି ପୋଖରୀ, ଭଦ୍ରକ।

# ଲେଉଟାଣି

● ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ

କୁଆଁର ପୁନେଇଁ ବାସି
ପାଦରେ ଠା ଠା ଅଳତା
ନଖ ଧାରେ ଅଧାଛଡା ନେଲପଲିସ୍
ଆଉ ବସ୍ତାଏ ଏକାକୀପଣକୁ ମୁଣ୍ଡେଇ
ମୁଁ ଫେରେ ରେଭେନ୍ସା !

ଦେବୀ ତ ଫେରିଲେଣି କେବେଠୁଁ
ଧୂପ, ଦୀପ ଭୋଗକୁ ଜାବୁଡି
ଯେଉଁଠୁ ଆସିଥିଲେ ସେଇଠିକୁ,
ବସ୍ ଓ ଏମ ପି ନ ଧରିବା ଯାଏ
ବୋଉ ଯାହା ଅଟକିଛି ଦାଣ୍ଡପିଣ୍ଡାରେ !

ପାପୁଲିରେ ନାଲି ନାଲି ଗାର
ବୋଝ ବୋହି ଝାଳନାଳ ଏକାକାର
ନିରେଖି ଦେଖିଲେ ବ୍ୟାଗ ଭର୍ତ୍ତି ବୋଉପଣ,
ମୁଁ ଟଙ୍କା ଗଣେ ଏକ, ଦୁଇ, ପାଞ୍ଚ କରି
ବୋଉ କିନ୍ତୁ ଆଉ ଖୁଚୁରା ଦିଏନି ଆଜିକାଲି !

ବୋଉ ଆରିସା, କାକରା ଲୁହ ଦେଇ ଗଢେ
ସୁଁ ସୁଁ କାନ୍ଦି ଖଇ ଛଡାଏ, ଚାନ୍ଦ ଡିଆରେ
ବୋଉ ଯତନରେ ପୁଡା ବାନ୍ଧେ ଜାତିଆ ଦରବ
ବୋକୀଟା ଯାହା ବୁଝେନି
ତା' ନଥିବାପଣକୁ ସରି ନୁହେଁ କିଛି !

ମୁଁ ଓଲଟାଏ ଲେଉଟା ଚକୁଳି ସବୁଥର
ବୋଉ ଲେଉଟେଇ ଦିଏ ନଜର,
ଦେହରେ ବୋଳିଦିଏ ଚିମୁଟାଏ ଧୂଳି,
ମଥାରେ ଆଙ୍କିଦିଏ ଟିପେ ଚଉଁରା ମାଟି
କେଇ ଟୋପା ବର୍ଷା ଝରୁ ଝରୁ  ଝରିଯାଏ,
କାର୍ତ୍ତିକ ମାସିଆ ସକାଳରୁ ପୁଣି ଏ ମେଘ?
ଆଜି ଯାଏ କୋଉ ବାଦଲ ହରେଇପାରିଛି ଯେ
ବୋଉକୁ ମେଘ ଢାଳିବାରେ !

● ସ୍ନାତକ ତୃତୀୟ ବର୍ଷର ଛାତ୍ରୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ , କଟକ



ସଂପାଦକ : ବିକେଶ ସାହୁ

ବାଗୀଶ

ବି.ଏନ୍ ଭବନ, ସାର୍ତ୍ତୋଳ, ପୋ - ନୂଆବଜାର
କଟକ - ୭୫୩୦୦୪
Email : bageesha.magazine@gmail.com
Phone No. 9337166172